ଆଜି - ରବିବାର
ତାରିଖ - ୨୬ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୧୩
ତିଥି - ଦଶମୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ମଘା, ସିଂହ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୫: ୦୦
ସୂର୍ଯ୍ୟାସ୍ତ - ୬ : ୦୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପିଲାଟିଏ ଭବିଷ୍ୟତରେ କ'ଣ ହେବ, ତାକୁ ନେଇ ଆମେ ଚିନ୍ତିତ ହୋଇପଡୁ, କିନ୍ତୁ ଭୁଲିଯାଉ ଯେ ଆଜି ବି ସେ ଜଣେ ମଣିଷ ।"

- ଜବାହାରଲାଲ୍ ନେହରୁ


E-News : www.Ajikali epaper.com

Vol.- 41 ISSUE- 13 R.N.I. REGD. No. 44026/86 ବାଲେଶ୍ୱର ୨୬ ଅପ୍ରେଲ ୨୦୨୬ ରବିବାର BALASORE 26 APRIL 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## କ୍ୟାନସରରୁ ସୁରକ୍ଷା ପାଇଁ ଜନଜାଗରଣ ଅଭିଯାନ ଚାଲୁ କରିବାକୁ ଆହ୍ୱାନ ଦେଲେ ଉପ ରାଷ୍ଟ୍ରପତି

ଜୟପୁର : ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି ଯେ



କ୍ୟାନ୍ସର ସହିତ ଲଢ଼ିବା ଏବଂ ଜିତିବା ପାଇଁ ମାନସିକ ଭାବେ ଶକ୍ତିଶାଳୀ ରହିବା ଅତ୍ୟାବଶ୍ୟକ । ସେ ବିଶେଷକରି ଯୁବମାନଙ୍କୁ ନିଶାଦ୍ରବ୍ୟ ଓ ତମାଖୁ ଭଳି ପଦାର୍ଥରୁ ଦୂରେଇ ରହିବାକୁ ଆହ୍ୱାନ କରିଛନ୍ତି । କ୍ୟାନ୍ସର ରୋକିବା ପାଇଁ ବିସ୍ତୃତ ଭାବରେ ଜନଜାଗରଣ ଅଭିଯାନ ଚାଲୁ କରିବାକୁ ସେ ଆହ୍ୱାନ କରିଛନ୍ତି । ସେ କହିଛନ୍ତି କ୍ୟୋନ୍ସର ଚିକିତ୍ସାରେ କିମୋଥେରାପି ଭଳି କଠିନ ପ୍ରକ୍ରିୟା ପରିବର୍ତ୍ତେ ନବୀନତମ ଚିକିତ୍ସା ଗବେଷଣାରେ ଟାବଲେଟ ମାଧ୍ୟମରେ ଚିକିତ୍ସାର ପ୍ରୟାସ ଉତ୍ସାହଦାୟକ । ଉପରାଷ୍ଟ୍ରପତି ଶନିବାର ମହାରାଣା ପ୍ରତା ଅଡିଟୋରିୟମରେ କ୍ୟାନ୍ସର ସର୍ଭାଇଭର୍ସ ଡେ ଅବସରରେ କ୍ୟାନ୍ସର ସୋସାଇଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧନ କରିଛନ୍ତି । ସେ କହିଛନ୍ତି ଯେ ପରିଷ୍କାର ପାଣିର ଉପଲବ୍ଧତା ସମସ୍ତଙ୍କ ପାଇଁ ଆବଶ୍ୟକ । ପ୍ରତିବର୍ଷ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବଢ଼ୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଚେଷ୍ଟାରେ ଭାରତ ସରକାରଙ୍କ 'ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' ଅଧୀନରେ କ୍ୟାନ୍ସର ଚିକିତ୍ସା ପାଇଁ ରୋଗୀମାନେ ପ୍ରତିବର୍ଷ ପା˚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଶୁଳ୍କ ଚିକିତ୍ସା ପାଉଛନ୍ତି । ଏଥିରେ ସର୍ଜରି, କିମୋଥେରାପି ଏବଂ ରେଡିଓଥେରାପି ଭଳି ପ୍ରମୁଖ ଚିକିତ୍ସା ସମ୍ମିଳିତ ଅଛି । ଏହି ଯୋଜନା ଦେଶର ସୂଚୀଭୁକ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲରେ ସ୍ତନ, ଫୁସଫୁସ ଏବଂ ମୁଖ କ୍ୟାନ୍ସର ସହିତ ଅନ୍ୟାନ୍ୟ ପ୍ରକାରର ଚିକିତ୍ସାକୁ ଆବରଣ କରେ । ଗରିବ ରୋଗୀମାନଙ୍କ ଚିକିତ୍ସା ପାଇଁ ଏକମୁଶ୍ତ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯାଏ, ଯାହା ବହୁତ ଗୁରୁତ୍ୱପୂର୍ଣ୍ଣ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ମଧ୍ୟ ଗ୍ରାମୀଣ ଅଂଚଳରେ ୭୫ ପ୍ରତିଶତ ଧନରାଶି କ୍ୟାନ୍ସର ପ୍ରତିରୋଧ ପାଇଁ ବ୍ୟୟ କରାଯାଉଛି ।

## ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣିଚିକିତ୍ସା ଦିବସ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର : ବିଶ୍ୱ ପ୍ରାଣିଚିକିତ୍ସା ଦିବସ ଅବସରରେ ଆଜି ରାଜ୍ୟ କନଭେନସନ ସେଂଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରାଣିସମ୍ପଦ, ପ୍ରାଣିସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଏହି ଅବସରରେ ପ୍ରାଣିସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଆଜି ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ ଟି ପ୍ରାଣିଚିକିତ୍ସାଳୟ ଓ ୪ ଟି ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି । ଏହାସହିତ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣିଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ ନିର୍ମାଣ ପାଇଁ ୬ଟି ଚୁକ୍ତି ସହ ଗଣ୍ଟଟ ମଧ୍ୟ ସ୍ୱାକ୍ଷର ହୋଇଛି । ଏହି ବୁଝାମଣା ପତ୍ରରେ କଟକର ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ । ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି ଅବସରରେ ଓପୋଲଫେଡ଼ର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଥିବାବେଳେ ଏହା କୁକୁଡ଼ାପାଳକମାନଙ୍କୁ ଉଚିତ ମୂଲ୍ୟ ଦେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ଆଜି ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆ ଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ ହୋଇଛି । କାର୍ଯ୍ୟକ୍ରମମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାଣିଚିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚିକିତ୍ସା କରନ୍ତି । ପ୍ରକୃତରେ ସେମାନେ ମହାନ । ଜୀବଜନ୍ତୁମାନଙ୍କ ପାଇଁ ସାକ୍ଷାତ ଭଗବାନ ହେଲେ ଆମ Veterinary Doctor ମାନେ । ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ ଚାଷ ପର୍ଯ୍ୟାପ୍ତ ନୁହେଁ । ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇ ନେବା ଆବଶ୍ୟକ । ଆମର ଲକ୍ଷ୍ୟ କେବଳ ଚାଷୀଙ୍କ ଆୟ ଦୁଇଗୁଣ କରିବା ନୁହେଁ, ବହୁଗୁଣିତ କରିବା ବୋଲି ସେ ଉଲ୍ଲେଖ କରିଥିଲେ । ରାଜ୍ୟରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି । ୧,୪୨୩ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏହି ଯୋଜନା ମାଧ୍ୟମରେ ଆଗାମୀ ପାଂଚବର୍ଷରେ ୧୫ ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ । ଉଚ୍ଚ ଦୁଗ୍ଧ ଉତ୍ପାଦନକାରୀ ଗାଈ ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଦିଆଯାଉଛି । ସେହିପରି ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି ।କୁକୁଡ଼ାପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣିସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ ଲକ୍ଷ ପରିବାର ଉପକୃତ ହେବେ ବୋଲି ସେ କହିଥିଲେ । ଚଳିତ ବର୍ଷର ପ୍ରସଙ୍ଗ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣିଚିକିତ୍ସକ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ଅର୍ଥନୀତିରେ ପ୍ରାଣିସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବର୍ଣ୍ଣନା କରିଛନ୍ତି । ସେ କହିଥିଲେ ଯେ, ପ୍ରାଣୀ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟକୁ ସମନ୍ୱୟ କରି ଵନ୍ହେଲଥ ଆଭିମୁଖ୍ୟକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ । ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁସାରେ ରାଜ୍ୟକୁ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭର କରାଯିବ । ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଂଚମ ସ୍ଥାନକୁ ନେବା ଲକ୍ଷ୍ୟ ରଖାଯାଇଛି । ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ହାତପାହାନ୍ତାରେ ପହଂଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ 'A-HELP' (ଗୋଷ୍ଠୀ ପ୍ରାଣିସ୍ୱାସ୍ଥ୍ୟ କର୍ମୀ) ନିୟୋଜିତ କରିବାକୁ ନିଷ୍ପତି ନେଇଛନ୍ତି ।

## ବେଙ୍ଗାଲୁରୁରେ 'ଆଦିତ୍ୟ' କମ୍ପ୍ଲେକ୍ସ ଉଦ୍‌ଘାଟନ କଲେ କେନ୍ଦ୍ର ରେଳମନ୍ତ୍ରୀ




ବେଙ୍ଗାଲୁରୁ : ମାନ୍ୟବର କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବେଙ୍ଗାଲୁରୁର BEML ଟିପ୍ପାସାନ୍ଦ୍ରା କ୍ୟାମ୍ପସ ପରିଦର୍ଶନ କରି ହାଇ-ସ୍ପିଡ୍ ରେଳ ନିର୍ମାଣ ପାଇଁ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର କମ୍ପ୍ଲେକ୍ସ, ଆଦିତ୍ୟକୁ ଉଦଘାଟନ କରିଛନ୍ତି । ଏହି ଗସ୍ତ ସମୟରେ, ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହାଇ-ସ୍ପିଡ୍ ରେଳ ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ଜଟିଳ ଏବଂ ଜଟିଳ, ଉଲ୍ଲେଖ କରିଛନ୍ତି ଯେ ଆମ ଦେଶ ମଧ୍ୟରେ ଏହାର ବିକାଶ ସ୍ୱଦେଶୀ ଇଞ୍ଜିନିୟରିଂ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ନୂତନ ଭାବରେ ଉଦ୍ଘାଟିତ ଆଦିତ୍ୟ କମ୍ପ୍ଲେକ୍ସ ବର୍ତ୍ତମାନ B-୨୮ କୋଚ୍ ବିକାଶ ପାଇଁ ଡିଜାଇନ୍ କରାଯାଇଛି । ମନ୍ତ୍ରୀ ହାଇ-ସ୍ପିଡ୍ ରେଳର ପରିବର୍ତ୍ତନକାରୀ ଶକ୍ତି ଉପରେ ଆଲୋକପାତ କରି କହିଛନ୍ତି ଯେ ଏହି ଟ୍ରେନଗୁଡ଼ିକର ଆଗମନ ଦ୍ୱାରା ପ୍ରମୁଖ ସହରଗୁଡ଼ିକୁ ପରସ୍ପରର ବିସ୍ତାର ଭାବରେ ଦେଖାଯିବ । ସେ ଚେନ୍ନାଇ ଏବଂ ବେଙ୍ଗାଲୁରୁ ମଧ୍ୟରେ ଯାତ୍ରା ସମୟର ଉଦାହରଣ ଦେଇ କହିଥିଲେ ଯେ ଏହା ମାତ୍ର ୭୩ ମିନିଟକୁ ହ୍ରାସ ପାଇବ, ଯାହା ପ୍ରଭାବଶାଳୀ ଭାବରେ ଦୁଇଟି ସହରକୁ ଏକକ ସମନ୍ୱିତ ହବ୍‌ର ଅଂଶ କରିବ । ମୁମ୍ବାଇ ଏବଂ ବେଙ୍ଗାଲୁରୁ : ମନ୍ତ୍ରୀ କହିଛନ୍ତି ଯେ ଦୁଇଟି ନୂତନ ସେବା ପ୍ରଚଳନ ଦ୍ୱାରା ସଂଯୋଗୀକରଣ ବୃଦ୍ଧି ପାଇବ । ହୁବଲି ଦେଇ ଖସିଥିବା କୋଚ୍ ବିଶିଷ୍ଟ ଏକ ନୂତନ ମେଲ୍ ଏକ୍ସପ୍ରେସ୍ ପ୍ରଚଳନ କରାଯିବ, ଏବଂ ଏକ ବନ୍ଦେ ଭାରତ ସ୍ଲିପର୍ ଏକ୍ସପ୍ରେସ୍ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାର ଯୋଜନା ରହିଛି । ଆଂଚଳିକ ସଂଯୋଗୀକରଣକୁ ସମ୍ବୋଧିତ କରି ମନ୍ତ୍ରୀ ନିଶ୍ଚିତ କରିଛନ୍ତି ଯେ ମାଙ୍ଗାଲୁରୁ ଏବଂ ବେଙ୍ଗାଲୁରୁ ମଧ୍ୟରେ ବନ୍ଦେ ଭାରତ ସେବା ଖୁବ୍ ଶୀଘ୍ର ଆରମ୍ଭ ହେବ । ସେ ଗୁରୁତ୍ୱାରୋପ କରିଛନ୍ତି ଯେ ଏହି ସେବା ପାଇଁ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ମାଡଗାଓଁ ଏବଂ କର୍ଣ୍ଣାଟକର ଅନ୍ୟାନ୍ୟ ଉପକୂଳବର୍ତ୍ତୀ ସହରଗୁଡ଼ିକୁ ସଂଯୋଗ କରିବା ଉପରେ ଧ୍ୟାନ ଦିଆଯାଇଛି । ହାସନ-ମଙ୍ଗାଲୁରୁ ସେକ୍ସନରେ ବିଦ୍ୟୁତୀକରଣ ସମାପ୍ତ ହେବା ଏବଂ ଖାଲ ଉପକୂଳ ଗ୍ରାଡିଏଂଟରେ ସୁରକ୍ଷା ପାଇଁ ସ୍ୱୟଂଚାଳିତ ଜରୁରୀକାଳୀନ ବ୍ରେକିଂ ସିଷ୍ଟମର ଏକୀକରଣ ସମେତ ଯାନ୍ତ୍ରିକ ବାଧା ଦୂର ହୋଇଛି । ମନ୍ତ୍ରୀ ଟିପ୍ପାସାନ୍ଦ୍ରା ସୁବିଧାରେ ଇଞ୍ଜିନିୟରିଂ ପ୍ରତିଭାଙ୍କୁ ପ୍ରଶଂସା କରି ଗସ୍ତ ଶେଷ କରିଥିଲେ, କହିଥିଲେ ଯେ ପରବର୍ତ୍ତୀ ପିଢ଼ିର ରୋଲିଂ ଷ୍ଟକ୍ ଉପରେ ସେମାନଙ୍କର କାର୍ଯ୍ୟ ଏକ ବିକଶିତ ଭାରତର ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ । ପରିବେଶଗତ ସ୍ଥିରତା ଏବଂ ଜନସଚେତନତା ସହିତ ବ୍ୟାପକ ଭିତିଭୂମି ଅଭିବୃଦ୍ଧିକୁ ସନ୍ତୁଳିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସେ ପୁନଃଦୋହରାଇଥିଲେ ।

## ଦେବଗଡ଼ରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ





ଦେବଗଡ଼ : 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ସମଗ୍ର ଭାରତବର୍ଷର ମାତୃଶକ୍ତିମାନେ ସମର୍ଥନ ଦେଉଥିବା ବେଳେ ବିରୋଧୀମାନେ ମହିଳାମାନଙ୍କ ପାଇଁ ଆସନ ବୃଦ୍ଧି ହେଉ ବୋଲି ଚାହୁଁ ନାହାନ୍ତି । ବିରୋଧୀମାନଙ୍କର ଏଭଳି ମନୋଭାବ ନାରୀ ଶକ୍ତିର ବିକାଶ ପଥରେ ବାଧା ସୃଷ୍ଟି କରୁଛି ବୋଲି ଆଜି ଦେବଗଡ଼ରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଏହି ଜିଲ୍ଲା ଗସ୍ତ କରି ପ୍ରାୟ ୨୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୪ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହା ସହିତ ସେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ହସ୍ତାନ୍ତରଣ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ଐତିହାସିକ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମହିଳା ସଂରକ୍ଷଣ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହାଦ୍ୱାରା ଲୋକସଭା ଓ ବିଧାନସଭାରେ ମାଆମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ପାଇବ, ଯାହା ଓଡ଼ିଶାରେ ଅଧିକରୁ ଅଧିକ ମହିଳା ଜନପ୍ରତିନିଧି ସୃଷ୍ଟି କରିବା ସହ ସେମାନଙ୍କୁ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସଶକ୍ତ କରିବ । ଏହି ଯୋଜନାକୁ ଲାଗୁ କରିବା ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ଥିବା ଉତ୍ସାହ ପ୍ରଶଂସନୀୟ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଅନେକ ବିରୋଧୀ ଓ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ବାବୁ ମହିଳାମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି । ମୋଦୀ ଜୀ ମହିଳାଙ୍କ ସିଟ୍ ବଢ଼ାଇବାକୁ ପଣ କରିଥିବା ବେଳେ ଏଥିରେ ଦେବଗଡ଼ବାସୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି ବୋଲି ସେ କହିଛନ୍ତି । ପ୍ରକଳ୍ପ ବିଷୟରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଜି ୧୩୦.୭୯ କୋଟି ଟଙ୍କା ମୂଲ୍ୟର ୬୩ଟି ପ୍ରକଳ୍ପ ଲୋକାର୍ପଣ ହୋଇଥିବା ବେଳେ ୧୪୭.୭୦ କୋଟି ଟଙ୍କା ମୂଲ୍ୟର ୬୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ପ୍ରାୟ ୩୧.୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ଼ର ସ୍ଥାୟୀ ଭବନ ଆଜି ଜିଲ୍ଲାବାସୀଙ୍କୁ ସମର୍ପିତ କରାଯାଇଛି । ଜାନୁଆରୀ ୧୩, ୨୦୨୪ରେ ଏହାର ଭୂମିପୂଜନ ହୋଇଥିବା ବେଳେ ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ଭବ୍ୟ ଭବନ ସ୍ଥାପିତ ହେବା ଏକ ବଡ ଉପଲବ୍ଧି । ୯.୨୨ ଏକର ପରିମିତ ଜମିରେ ନିର୍ମିତ ଏହି ବିଦ୍ୟାଳୟରେ ୪୫ଟି କୋଠରୀ ରହିଛି, ଯେଉଁଥିରେ ୨୪ଟି ସ୍ମାର୍ଟ କ୍ଲାସରୁମ୍, ୩ଟି ଅତ୍ୟାଧୁନିକ ବିଜ୍ଞାନାଗାର ଏବଂ ୨ଟି କମ୍ପ୍ୟୁଟର ଲ୍ୟାବ୍ ରହିଛି । ଏହି ବିଦ୍ୟାଳୟ ଦ୍ୱାରା ପ୍ରାୟ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚକୋଟୀର ଗୁଣାତ୍ମକ ଶିକ୍ଷା ପାଇପାରିବେ ।

## ଅଳ୍ପରେ ଖବର

» ମଣିପୁରର ଉଖରୁଲ ଜିଲ୍ଲାରେ କୁକି ଏବଂ ନାଗା ଆଦିବାସୀଙ୍କ ଭିତରେ ସଂଘର୍ଷ ଘଟିଛି । ଏଥିରେ ୩ ଜଣ ପ୍ରାଣ ହରାଇଛନ୍ତି ।

» ମଣିପୁରର ଉଖ୍ରୁଲ୍ ଜିଲାରେ ଶୁକ୍ରବାର ନାଗା ଓ କୁକି ସମ୍ପ୍ରଦାୟ ୨ ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଅନ୍ୟୁନ ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି ।

» 'ଭାରତୀୟ ବାସ୍ତୁ ଏକାଡେମୀ' ପକ୍ଷରୁ ଆୟୋଜିତ ୧୯ତମ ଆନ୍ତର୍ଜାତୀୟ ପ୍ରାଚ୍ୟ ଐତିହ୍ୟ ସମ୍ମିଳନୀରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଛନ୍ତି ।

## ଜମି କିଣାବିକା ମାମଲା : ପଞ୍ଜିକୃତ ଦଲିଲ ରଦ୍ଦ କରିପାରିବେନି ସବ୍-ରେଜିଷ୍ଟ୍ରାର୍ : ହାଇକୋର୍ଟ



କଟକ : ଜମି କିଣାବିକା ଦଲିଲ ରଦ୍ଦ ମାମଲା । ପଞ୍ଜିକୃତ ଦଲିଲକୁ ରଦ୍ଦ କରିପାରିବେନି ରେଜିଷ୍ଟ୍ରେସନ ଅଧିକାରୀ । ଜମି କିଣାବିକା ପରେ ପୁନର୍ବାର ସେହି ଦଲିଲକୁ ରଦ୍ଦ କରିବା । (କ୍ୟାନ୍ସଲେସନ ଡିଡ୍) ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଆବେଦନକାରିଣୀଙ୍କୁ ସିଭିଲ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଇଛନ୍ତି । ଏଥିସହିତ ଦଲିଲ ପଞ୍ଜୀକରଣ ଆଇନ ଅନୁଯାୟୀ ସବ୍-ରେଜିଷ୍ଟ୍ରାରଙ୍କ କ୍ଷମତା ସୀମିତ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । ଜଷ୍ଟିସ ଚିତରଞ୍ଜନ ଦାଶ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି । ଏକ ଜମି କିଣାବିକା ଦଲିଲ୍ ରଦ୍ଦ ମାମଲାର ଶୁଣାଣୀ କରି ଏହି ରାୟ ଶୁଣାଇଛନ୍ତି ହାଇକୋର୍ଟ । ଆବେଦନକାରିଣୀ ରଶ୍ମିତା ସାହୁଙ୍କ ନାମରେ ୨୦୦୮ ଏପ୍ରିଲ ୨୮ରେ ଏକ ବିକ୍ରୟ ଦଲିଲ ସମ୍ପାଦିତ ହୋଇଥିଲା । ପରବର୍ତ୍ତୀ ସମୟରେ ୨୦୧୧ ସେପ୍ଟେମ୍ବର ୨୬ରେ ବିକ୍ରେତା ଜଣକ ଏକପାଖିଆ ଭାବେ ଉକ୍ତ ବିକ୍ରୟ ଦଲିଲକୁ ରଦ୍ଦ କରିବା ପାଇଁ ଏକ 'କ୍ୟାନ୍ସଲେସନ ଡିଡ୍' ପଞ୍ଜିକୃତ କରିଥିଲେ । ଆବେଦନକାରିଣୀ ଏହି ଏହାକୁ ବେଆଇନ ଓ ଭ୍ରମାତ୍ମକ ବୋଲି ଅଭିଯୋଗ କରି କରି ଏହାକୁ ରଦ୍ଦ କରିବା ପାଇଁ ଏବଂ ପୂର୍ବର ବିକ୍ରୟ ଦଲିଲକୁ କାଏମ ରଖିବା ପାଇଁ ହାଇକୋର୍ଟଙ୍କ ନିକଟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ । ଏହି ଆବେଦନକୁ ଗ୍ରହଣ କରି କର୍ତୃପକ୍ଷ ପୂର୍ବ ପଞ୍ଜିକରଣକୁ ରଦ୍ଦ କରି ଦେଇଥିଲେ । ଏହାକୁ ବେଆଇନ ଦର୍ଶାଇ ହାଇକୋର୍ଟରେ ପିଟିସନ ଦାଖଲ କରିଥିଲେ ରଶ୍ମିତା ସାହୁ । ସେ ଅଭିଯୋଗ କରିଥିଲେ ଯେ ଏହି କ୍ୟାନ୍ସଲେସନ୍ ଦଲିଲ ବିଷୟରେ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା । ସେ ଇସି ପାଇବା ପରେ ହିଁ ଏହି ବିଷୟରେ ଜାଣିବାକୁ ପାଇଥିଲେ ।

## ପୁରୀ ରଥଯାତ୍ରା ପାଇଁ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ





ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆଗାମୀ ଜୁଲାଇ ମାସରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ପ୍ରସ୍ତୁତି ସଂପର୍କିତ ୪ର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ ପୂର୍ବ ବୈଠକଗୁଡ଼ିକରେ ନିଆଯାଇଥିବାନିଷ୍ପତିର କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ସମୀକ୍ଷା କରାଯିବା ସହ ଆଗାମୀ ପ୍ରସ୍ତୁତି ଓ କାର୍ଯ୍ୟ ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ବୈଠକରେ ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ସାରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ଗୃହ(ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ପବିତ୍ର ମୋହନ ସାମଲ, ଅତିରିକ୍ତ ଆରକ୍ଷୀ ନିର୍ଦ୍ଦେଶକ(ଆଧୁନିକୀକରଣ) ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲ୍ଲାପାଳ, ପୁରୀ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପୁରୀ ଶ୍ରୀ ପ୍ରତୀକ ସିଂ ଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ରଥଯାତ୍ରାରେ ରଥଟଣା କିପରି ଶୃଙ୍ଖଳିତ ଭାବେ ହୋଇପାରିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରଥ କର୍ଡନ ଭିତରକୁ ପାସ୍ ଧାରୀଙ୍କ ପ୍ରବେଶ ଅଧିକ ରହୁଥିବାରୁ ରଥ ଟଣାରେ ଅସୁବିଧା ଉପୁଜୁଛି । ଏଥିପାଇଁ ଏଥର କର୍ଡନ ପାସ୍ ସଂଖ୍ୟା ବହୁ ସଂଖ୍ୟାରେ କମାଇବା ପାଇଁ ଆଲୋଚନା କରାଯାଇଥିଲା । ବୈଠକରେ ରଥ ନିର୍ମାଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ପାଢ଼ୀ ସୂଚନା ଦେଇଥିଲେ । ଅପ୍ରେଲ ୨୦ ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ ଅନୁକୂଳ ଆରମ୍ଭ ହୋଇଛି । ରଥ ନିର୍ମାଣ ଅଗ୍ରଗତି ତଦାରଖ କରିବା ପାଇଁ ଏକ ବୈଷୟିକ କମିଟି ରହିଛି । ଏହି କାର୍ଯ୍ୟ ନିୟମିତ ଅନୁଧ୍ୟାନ କରାଯିବା ନେଇ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ । ରଥ ନିର୍ମାଣ ପାଇଁ ଆବଶ୍ୟକ ୮୬୫ ଖଣ୍ଡ କାଠ ମଧ୍ୟରୁ ୫୭୬ ଟି ସଂଗ୍ରହ ସରିଛି ଓ ଆବଶ୍ୟକ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ନେଇ ଶ୍ରୀମନ୍ଦିର ପ୍ରଶାସକ ସୂଚନା ଦେଇଥିଲେ । ରଥ ଦଉଡି ଯେପରି ମଜବୁତ୍ ରୁହେ, ସେଥିପ୍ରତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓବିସିସି ପକ୍ଷରୁ ନିର୍ମାଣାଧିନ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ଆଚାର୍ଯ୍ୟ ହରିହର ଛକର ପୁନଃ ବିକାଶ , ଦିଗବାରେଣୀ ଠାରେ ବହୁତଳ ପାର୍କିଂ ବ୍ୟବସ୍ଥା , ଯାତ୍ରିକା ପାର୍କିଂ-୧ ର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି ।





# ମୁଖ୍ୟମନ୍ତ୍ରୀ କପ୍ -୨୦୨୬ ଫୁଟବଲ ବାଲେଶ୍ୱର ଷ୍ଟାର କ୍ଲବ ଓ ବାଲେଶ୍ୱର ଫୁଟ୍‌ବଲ କ୍ଲବ ବିଜୟୀ



ବାଲେଶ୍ୱର (ନି.ପ୍ର.)ଜିଲ୍ଲା ପ୍ରଶାସନ ,ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ବାଲେଶ୍ୱର ଜିଲ୍ଲା କ୍ରୀଡ଼ାସଂଘ ର ମିଳିତ ସହୋଯାଗରେ ପରମିଟ ପଡିଆ,ନୂଆ ଷ୍ଟାଡିୟମ ଠାରେ ମୁଖ୍ୟମନ୍ତ୍ରୀ କପ୍-୨.୦ ଫୁଟବଲ ୧୪ ବର୍ଷ ରୁ କମ୍ ଖେଳରେ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘର ସହ ସାଧାରଣ ସମ୍ପାଦକ ଶ୍ରୀ ପଦ୍ମଲୋଚନ ଲେଙ୍କା,ବରିଷ୍ଠ ପୂର୍ବତନ କ୍ରୀଡାବିତ ଶ୍ରୀ ମଧୁସୁଦନ ବେହେରା ଯୋଗଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିବା ସଂଗେ ସଂଗେ ସେମାନଙ୍କ ସହିତ ପରିଚିତ ହୋଇଥଲେ । ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘର ଯୁଗ୍ମ ସମ୍ପାଦକ ନିମାଇଁ ଚରଣ ରାଉତରାୟ, ଓ ଗୋପାଳ ସେଠୀ, ,ସଲିଲ ସିଂ,ସୁବାସ ଦାସ ଙ୍କ ସମେତ ଅନେକ ସଭ୍ୟ , କର୍ମକର୍ତା ,ପୁର୍ବତନ କ୍ରୀଡାବିତ ଏବଂ ବହୁ ଦର୍ଶକ ଯୋଗଦେଇଥିଲେ । ଜିଲ୍ଲାରେ ଥିବା କ୍ରୀଡା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି କ୍ରୀଡା ମହୋତ୍ସବର ଅୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ କପ୍ -୨୦୨୬ ଫୁଟବଲ ପ୍ରତିଯୋଗିତା ଆଜି ସକାଳ ବାଳିକା ବିଭାଗ ଖେଳ ବାଲେଶ୍ୱର ଷ୍ଟାର ବାଳିକା କ୍ଲବ ଏବଂ ଝାଡେଶ୍ୱର ବାଳିକା କ୍ଲବ ମଧ୍ୟରେ ହୋଇଥିଲା । ବାଲେଶ୍ୱର ଷ୍ଟାର ବାଳିକା କ୍ଲବ ଦଳ ୪-୨ ଗୋଲରେ ଝାଡେଶ୍ୱର ବାଳିକା କ୍ଲବ ଦଳ କୁ ହରାଇ ବିଜୟୀ ହୋଇଥିଲେ । ବାଳକ ଦ୍ୱିତୀୟ ଖେଳ ଜିଲ୍ଲା ଫୁଟବଲ କ୍ଲବ ଏବଂ ବାଲେଶ୍ୱର ଫୁଟବଲ କ୍ଲବ ଦଳ ମଧ୍ୟରେ ହୋଇଥିଲା । ବାଲେଶ୍ୱର ଫୁଟବଲ କ୍ଲବ ଦଳ ୧୦-୦ ଗୋଲରେ ଜିଲ୍ଲା ଫୁଟବଲ କ୍ଲବ ହରାଇ ବିଜୟୀ ହୋଇଥିଲେ । ଏହି ଖେଳକୁ ପ୍ରଦିପ ଦାସ(କାଳିଆ) ,ମାମା ସିଂ,ଅମିତ ସିଂ , ହୃଦାନନ୍ଦ ଘଡେଇ,ସଂଜୟ ସିଂ,ରାମଦୁଲାଲ ମାରୁଣ୍ଡି,ସଂଜୟ ସିଂ ଏବଂ ମ୍ୟାଚ କମିସନର ଶ୍ରୀ ପ୍ରଦିପ କୁମାର ଦାସ ଖେଳକୁ ସୁଚାରୁରୁପେ ପରିଚାଳନା କରିଥିଲେ ।

# 'ସେଇଠୁ ଆରମ୍ଭ' ଓ 'ଓଡ଼ିଆ ନ୍ୟୁଜ ଡ଼ଟ୍ ଲାଇଭ୍' ପକ୍ଷରୁ ବାଲେଶ୍ୱରରେ ଆୟୋଜିତ ହେଲା କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର, (ନି.ପ୍ର.) ଦୈନିକ ଖବରକାଗଜ 'ସେଇଠୁ ଆରମ୍ଭ' ଓ ଡିଜିଟାଲ ମେଡ଼ିଆ 'ଓଡ଼ିଆ ନ୍ୟୁଜ ଡ଼ଟ୍ ଲାଇଭ୍' ପକ୍ଷରୁ ବାଲେଶ୍ୱର ସହରର ଖ୍ରୀଷ୍ଟିଆନ ହାଇସ୍କୁଲ ପରିସରରେ ଏକ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଭୁବନେଶ୍ୱରର ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ରଂଜିତ କର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୁଇ ଶହରୁ ଅଧିକ ଜନସାଧାରଣଙ୍କୁ କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ, ରୋଗର ନିଦାନ, ଶରୀରରେ କେଉଁ ଭଳି ସୂଚନା ଦେଖା ଦେଲେ କର୍କଟ ରୋଗର ପ୍ରାରମ୍ଭିକ ଅବସ୍ଥା ବୋଲି ଜାଣିପାରିବା, କେଉଁ ସବୁ କାରଣ ପାଇଁ କର୍କଟ ରୋଗ ହୋଇଥାଏ, କେଉଁଭଳି ପରିସ୍ଥିତିରେ ରୋଗର ପରୀକ୍ଷା କରିପାରିଲେ ଏଭଳି ମାରାତ୍ମକ ତଥା ବ୍ୟୟ ବହୁଳ ରୋଗରୁ ଆମେ ମୁକ୍ତ ହୋଇପାରିବା ଇତ୍ୟାଦି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରୋଜେକ୍ଟର ମାଧ୍ୟମରେ ସଚିତ୍ର ବୁଝାଇଥିଲେ । 'ସେଇଠୁ ଆରମ୍ଭ'ର ସମ୍ପାଦକ ଶୁଭେନ୍ଦୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ କହିଥିଲେ କି, ଆସନ୍ତାଦିନରେ ପ୍ରତି ଘରେ କର୍କଟ ରୋଗରେ ଆକ୍ରାନ୍ତ ହେବାର ବିଭିନ୍ନ ସ୍ୱାସ୍ଥ୍ୟ ସଂଗଠନ ଗୁଡିକ ପୂର୍ବାନୁମାନ କରିଥିବାରୁ ଏକ ସଚେତନ ଗଣମାଧ୍ୟମ ସଂସ୍ଥା ଭାବରେ ଆମେ ପ୍ରାରମ୍ଭିକ ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛୁ, ଏବଂ ଆଗକୁ ଏଭଳି କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକ ସ୍ତରରେ କରିବାର ଯୋଜନା ରଖିଛୁ ବୋଲି କହିଥିଲେ । ସମସ୍ତେ ସୁଖରେ ରୁହନ୍ତୁ ବା ନ ରୁହନ୍ତୁ ସୁସ୍ଥ ରୁହନ୍ତୁ- ଏଭଳି ଏକ ଜନ ଜାଗରଣ ଆରମ୍ଭ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଏବଂ ସ୍ୱରୂପ କୁମାର ଦାସ ଉପସ୍ଥିତ ରହି ଗଣମାଧ୍ୟମ ସଂସ୍ଥାର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଉଭୟ ପୂର୍ବତନ ବିଧାୟକ ଡାକ୍ତର ରଂଜିତ କରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ୧୮ ନମ୍ବର ୱାର୍ଡ କାଉନସିଲର୍ ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ୨୯ ନମ୍ବର ୱାର୍ଡ କାଉନସିଲର୍ କାର୍ତ୍ତିକ ସାହୁ, ସମାଜସେବୀ ତଥା ସଂଗଠକ ଶେଖ୍ ଆନସର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ସହଯୋଗ କରିଥିଲେ । ବିଶିଷ୍ଟ ଶିକ୍ଷପତି ଓ ସମାଜସେବୀ ସୁଶୀଲ ରାଠି, ବରିଷ୍ଠ ସାମ୍ବାଦିକ ତଥା କବି ରଞ୍ଜନ ବାଗ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ୱାସ୍ଥ୍ୟର ମହତ୍ୱ କେତେ ସେ ବାବଦରେ ଆଲୋଚନା କରିଥିଲେ । କବି ପ୍ରଶାନ୍ତ ଦାସ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଗଣମାଧମ ସଂସ୍ଥାର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ପରିବାରର ମହିଳା ସଚେତନ ହେଲେ ପରିବାର ସମ୍ପୂର୍ଣ୍ଣ ସୁସ୍ଥ ରହି ପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ନିଆରା ଢଙ୍ଗରେ ବୃକ୍ଷ ଦେବତା ନିକଟରେ ଜଳ ପ୍ରଦାନ ପୂର୍ବକ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରାଯାଇଥିଲା । ଅତିଥିମାନଙ୍କୁ ମଧ୍ୟ ଉତରୀୟ ସହିତ ବୃକ୍ଷ ଦାନ କରାଯାଇଥିଲା ।

# 'ଓଡ଼ିଆ ଭାଷାବିକାଶ ଆନ୍ଦୋଳନ'ପକ୍ଷରୁ ଲୋକାର୍ପିତ ହେଲା କବି ଭରତ ଦାଶଙ୍କ 'ପ୍ରୀତିଅର୍ଘ୍ୟ' ପୁସ୍ତକ

ବାଲେଶ୍ୱର(ନି.ପ୍ର.) ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଓ ଅନେକ କବିତାଗ୍ରନ୍ଥର ସ୍ରଷ୍ଟା କବି ଭରତ ଚନ୍ଦ୍ର ଦାଶଙ୍କର ଅଷ୍ଟାଦଶତମ ଚଉପଦୀ ଗ୍ରନ୍ଥ 'ପ୍ରୀତିଅର୍ଘ୍ୟ' ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ (ଓବିବିଏ) ତରଫରୁ ସ୍ରଷ୍ଟା ପ୍ରେକ୍ଷାଳୟରେ ଲୋକାର୍ପିତ ହୋଇଯାଇଛି । ଏହି ଲୋକାର୍ପଣ ଉତ୍ସବରେ ପୌରୋହିତ୍ୟ କରିଥିଲେ 'ଓବିବିଏ'ର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ । ସେ ତାଙ୍କ ଅଭିଭାଷଣରେ ଭରତ ବାବୁଙ୍କର କାବ୍ୟଶୈଳୀର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ନିକଟରେ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିଲେ ମଧ୍ୟ ସେହି ଦୁଃଖକୁ ଭ୍ରୂକ୍ଷେପ ନ କରି ସେ କବିତା ରଚନାରେ ମନୋନିବେଶ କରି ଗ୍ରନ୍ଥ ପ୍ରକାଶ କରିଥିବାରୁ ଅନେକଙ୍କର ଆଦର୍ଶ ଓ ପ୍ରଶଂସାର୍ହ ବୋଲି କହିଥିଲେ । ପ୍ରାରମ୍ଭରେ କବି ଦାଶଙ୍କର ଧର୍ମପତ୍ନୀ ଗାୟତ୍ରୀ ଦାଶ ହୃଦୟକୁ ଦ୍ରବୀଭୂତ କରୁଥିବା ଏକ ଦୁଃଖାତ୍ମକ ସଙ୍ଗୀତ ପରିବେଷଣ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଓ ରେମୁଣା ସାହିତ୍ୟ ସଂସଦର ସଂପାଦକ ଡକ୍ଟର ଭାଗବତ ପ୍ରସାଦ ଦାସ ଗ୍ରନ୍ଥଟିକୁ ଲୋକାର୍ପଣ କରି ଗ୍ରନ୍ଥରେ ଥିବା ୧୪୦ଗୋଟି ଚଉପଦୀର ପଦଲାଳିତ୍ୟ ଓ ପାଠକମାନଙ୍କର ଆକର୍ଷଣୀୟ ହୋଇପାରୁଥିବା କବିତା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟତମ ଆଲୋଚିକା କୁନ୍ତଳାକୁମାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ପ୍ରତୀଚୀ ନନ୍ଦ 'ବିଦଗ୍ଧ ଚିନ୍ତାମଣି'ରେ ପ୍ରୟୋଗ କରାଯାଇଥିବା ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ପ୍ରୀତିବନ୍ଦନା' ସହ ଏକ ତୁଳନାତ୍ମକ ଆଲୋଚନା କରି 'ପ୍ରୀତିଅର୍ଘ୍ୟ'ର ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ । କବି ଭରତ ଚନ୍ଦ୍ର ଦାଶ କବିତାଗ୍ରନ୍ଥ ସଂପର୍କରେ ଲେଖକୀୟ ବକ୍ତବ୍ୟ ପ୍ରଦାନ କରି ସେ କେବେ ଭାଙ୍ଗି ପଡ଼ି ନାହାନ୍ତି, ବରଂ ତାଙ୍କର ଦୁଃଖ କବିତା ରଚନା କରିବାରେ ଏକ ପାଥେୟ ହୋଇ ଛିଡ଼ା ହୋଇଛି ବୋଲି ଆଲୋଚିକା ସୁଶ୍ରୀ ନନ୍ଦ ପ୍ରକାଶ କରିଥିଲେ । ଶ୍ରୋତାମାନଙ୍କ ମଧ୍ୟରୁ ବ୍ୟାକରଣବିତ୍ ନିରଂଜନ ସାହୁ ଓ କବି ଜ୍ୟୋତ୍ସ୍ନା ରାୟ ଗ୍ରନ୍ଥ ସଂପର୍କରେ ନିଜନିଜର ମତାମତ ପ୍ରଦାନ କରିଥିଲେ । ସାଧାରଣ ସଂପାଦକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍? ସୂଚନା ପ୍ରଦାନ କରିଥିବା ବେଳେ ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଂଚକୁ ଆବାହନ କରିଥିଲେ । ଶେଷରେ ଅନ୍ୟତମ ଯୁଗ୍ମ ସଂପାଦିକା ଶାନ୍ତିଲତା ପଣ୍ଡା କବିତ୍ୱପୂର୍ଣ୍ଣ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ଚାଟ୍ଟାର୍ଜୀ, ହେମେନ୍ଦ୍ର ମହାପାତ୍ର, ତପନ ରାୟ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ଦାସ, ଦୀପକ ଦାସ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ତପନ କୁମାର ପଣ୍ଡା, ସ୍ୱାତୀ ମଧୁଲଗ୍ନା ଦାଶ, ସୁଷମା ମହାପାତ୍ର, ଶାନ୍ତି ବିଶି, ସୁନାମଣି



ଜେନା, ଜୟଶ୍ରୀ ମିଶ୍ର, ଅମୃତଲଗ୍ନା ଦାଶ, ପ୍ରଭାକର ସାହୁ, ଉର୍ମିଳା ନାୟକ, ଗୀତାଞ୍ଜଳି ଶତପଥୀ, କଲ୍ୟାଣୀ ନନ୍ଦ, ତୃପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, ତ୍ରିନାଥ ନନ୍ଦୀ, ମଧୁସୂଦନ ମାଝୀ, ବେଣୁଧର ସାହୁ, ଭାସ୍କରଚନ୍ଦ୍ର ମିଶ୍ର, ସମରବଲ୍ଲଭ ଭୋଇ, ସ୍ନିଗ୍ଧା ସାମନ୍ତରାୟ, ବିଦ୍ୟାଧର ସାହୁ ଓ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ବହୁ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଜିଲ୍ଲା ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଉତ୍ସବ ପାଳିତ

ବାଲେଶ୍ୱର,(ନି.ପ୍ର.): ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଜିଲ୍ଲା ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଉତ୍ସବ ଦାମୋଦରପୁର ସ୍ଥିତ ସମିତିର ପ୍ରତିଷ୍ଠା ଉତ୍ସବ ଦାମୋଦରପୁର ସ୍ଥିତ ସମିତି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଗତ ୧୯୨୧ ମସିହା ପବିତ୍ର ଅକ୍ଷୟ ତୃତୀୟା ଦିନ ଜିଲ୍ଲା ବ୍ରାହ୍ମଣ ସମିତି ପ୍ରତିଷ୍ଠିତ ହୋଇଥିଲା । ସାଧାରଣ ସଂପାଦକ ଗୌରଚନ୍ଦ୍ର ଦାଶ ପୂର୍ବାହ୍ନ ୯ଘଟିକା ସମୟରେ କାର୍ଯ୍ୟାଳୟ ମୁକାମରେ ଉପସ୍ଥିତ ରହି ସମିତି



ସାଜସଜା ଓ ପ୍ରତିଷ୍ଠା କର୍ମର ଆୟୋଜନ କରିବା ପରେ ପଣ୍ଡିତ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ଓ ପ୍ରଶାନ୍ତ କୁମାର ଶତପଥୀଙ୍କ ଦ୍ୱାରା ପ୍ରତିଷ୍ଠା କର୍ମ ବୈଦିକ ରୀତିନୀତି ଅନୁଯାୟୀ ସଂପାଦିତ ହୋଇଥିଲା । ଡ. ଯଦୁନାଥ ମିଶ୍ର ପ୍ରତିଷ୍ଠା ଉତ୍ସବରେ ଆୟୋଜିତ ସଭାରେ ସଭାପତିତ୍ୱ କରିଦ୍ବାବେଳେ ଉପସଭାପତି ଗୌରସାଧନ ମିଶ୍ର, ଗୌରାଙ୍ଗ ପାଣିଗ୍ରାହୀ, ବୈଦ୍ୟନାଥ ଆଚାର୍ଯ୍ୟ ମାନସ କର ଆଦି କାର୍ଯ୍ୟକ□। ଓ ସ୍ଥାନୀୟ ବ୍ରାହ୍ମଣମାନେ ଯୋଗଦାନ କରିଥିଲେ । ପରିଶେଷରେ ଉପସ୍ଥିତମାନଙ୍କୁ ଧନ୍ୟବାଦ ଅର୍ପଣ ପରେ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା ।

# ନଳକୂପ ଖୋଳି ଭୁଲିଗଲେ ପ୍ଲାଟଫର୍ମ କରିବାକୁ ଗ୍ରାମ ବାସୀଙ୍କ ଭାଗ୍ୟରେ ପ୍ରଦୂଷିତ ପାଣି

ବଲେଶ୍ୱର,(ନି.ପ୍ର.): ସଦର ବ୍ଲକ ଗେଙ୍ଗୁଟି ଗ୍ରାମ ପଂଚାୟତ ଅଧିନସ୍ଥ ଜନ୍ମେଶ୍ୱରପୁର ଗ୍ରାମର ପୂର୍ବପଟ ଜନ ଉପଜାତି ବସ୍ତିରେ ଏକ ବର୍ଷରୁ ଅଧିକ ସମୟ ପୂର୍ବେ ସରକାରଙ୍କ ଜନହିତ ଯୋଜନାରେ ସୁଧାକର ସେଠୀଙ୍କ ଘର ପାଖରେ ଖୋଳା ଯାଇଥିବା ନଳକୂପର ପକ୍କା ପ୍ଲାଟଫର୍ମ ନିର୍ମାଣ ନକରିବାରୁ ଜନ ଅସନ୍ତୋଷ ଦେଖାଯାଇଛି । ଠିକାଦାର ଓ ସରକାରୀ କର୍ମଚାରୀଙ୍କ ଅସହଯୋଗ ପାଇଁ ଗ୍ରାମବାସୀଙ୍କୁ ଦୂଷିତ ପାନୀୟ ଜଳ ପିଇବାକୁ ପଡୁଛି ବୋଲି ସ୍ଥାନୀୟ ଗ୍ରାମବାସୀ ହରେନ୍ଦ୍ର ପ୍ରଧାନ କହିଛନ୍ତି । ନଳକୂଅ ତିଆରି ବେଳେ ଗ୍ରାଭେଲସ ଦେଲେ ନାହିଁ କି ଦୀର୍ଘ ଏକ ବର୍ଷରୁ ଅଧିକ ଧରି ପକ୍କା ପ୍ଲାଟଫର୍ମ ତିଆରି କରୁନାହାନ୍ତି । ଏହା ସରକାରଙ୍କ ଜନହିତ ଯୋଜନା ପ୍ରତି ଉପହାସ ବୋଲି ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି । ଉକ୍ତ ଗ୍ରାମରେ ପାନୀୟ ଜଳ ସ୍ତରରେ ନିର୍ମାଣ ହୋଇଥିବା ଉତ୍ସକୂପ ଗୁଡିକ କୃଷିକାର୍ଯ୍ୟରେ ବହୁଳ ବ୍ୟବହାର ହେତୁ, ଘରୋଇ ନଳକୂପ ସବୁ ଅଚଳ ହୋଇ ଯିବା



ଫଳରେ, ଏକମାତ୍ର ଭରସା ସେହି ସରକାରୀ ନଳକୂଅଟି ପକ୍କା ପ୍ଲାଟଫର୍ମ ଅଭାବରୁ ବାହାରୁଥିବା ପାନୀୟ ଜଳ ଅନୁପଯୁକ୍ତ କର୍ଦ୍ଦମାକ୍ତ ହେତୁ ଚିନ୍ତାର କାରଣ ଦେଖା ଦେଇଛି । ନଳକୂପ ନିର୍ମାଣ ଓ ମରାମତି ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଲା ପରେ ମଧ୍ୟ, ପକ୍କା ପ୍ଲାଟଫର୍ମ ନିର୍ମାଣ ନ କରିବା ଅସନ୍ତୋଷର କାରଣ ସୃଷ୍ଟି କରିଛି । ସରକାରୀ ଜନହିତକର ଯୋଜନାରେ ନିର୍ମିତ ପ୍ରକଳ୍ପ ଗୁଡିକ ଅଧିକାରୀଙ୍କ ଏଭଳି ଖାମଖିଆଲି ମନଭାବ ଶୁଭଙ୍କର ନୁହେଁ ବୋଲି ସାମାଜିକ କର୍ମୀ ମୋନାଲିସା ସେଠୀ ଜଣାଇବା ସହ ତୁରନ୍ତ ନିର୍ମାଣ ପାଇଁ ଦାବି ରଖିଛନ୍ତି ।

# ଦୌଡକୁଦ ଖେଳାଳି ଚୟନ ପ୍ରତିଯୋଗିତା

ବାଲେଶ୍ୱର (ନି.ପ୍ର.) ଜିଲ୍ଲା କ୍ରୀଡ଼ାସଂଘ ଆନୁକୁଲ୍ୟରେ ଆସନ୍ତା ମେ ମାସ ୦୭.୦୫.୨୦୨୬ ରିଖରେ ବରିଷ୍ଠ ଦୌଡକୁଦ ଖେଳାଳି ଚୟନ ପ୍ରତୀଯୋଗିତା ସ୍ଥାନୀୟ ପରମିଟ ପଡିଆ ଠାରେ ସକାଳ ୭ ଘଟିକାରେ ସମୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ଜଣାଇଛନ୍ତି । ଏହି ଚୟନ ପ୍ରତୀଯୋଗିତା ୨୦ ବର୍ଷ ରୁ କମ୍ ବାଳକ ଓ ବାଳିକା ଏବଂ ପୁରୁଷ ,ମହିଳା ମାନଙ୍କ ମଧ୍ୟରେ ହେବ । ଆଗ୍ରହୀ କ୍ରୀଡାବିତ ମାନେ ଜିଲ୍ଲା କ୍ରୀଡାସଂଘ ଅଫିସରୁ ଫର୍ମ ନେଇ ୦୩.୦୫.୨୦୨୬ ରିଖ ସୁଦ୍ଧା ସେମାନଙ୍କଂର ନାମ ଅନୁଷ୍ଠାନ ଜରିଆରେ ପିକରଣ କରାଇବେ । ଅଧିକ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ଶ୍ରୀ ବିରେନ୍ଦ୍ର କୁମାର ସ୍ୱାଇଁ (୮୧୪୪୬୮୯୪୮୫) ସଂଜୟ ଲେଙ୍କା (୬୩୭୧୬୫୨୯୩୩)ଙ୍କ ସହିତ ଯୋଗାଯଗ କରିବା ପାଇଁ ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ଜଣାଇଛନ୍ତି । ଏହି ଚୟନ ପ୍ରତୀଯୋଗିତା ରେ ଯୋଗ୍ୟ ବିବେଚିତ ହେବାକୁ ଥିବା ଖେଳାଳି ମାନେ କଟକ ଠାରେ ହେବାକୁ ଥିବା ବରିଷ୍ଠ ଦୌଡକୁଦ ପ୍ରତିଯୋଗିତାରେ ରେ ବାଲେଶ୍ୱର ଜିଲ୍ଲା ତରଫଂରୁ ପ୍ରତିନିଧିତ୍ୱ କରିବେ ।

# ଭିନ୍ନକ୍ଷମ ପ୍ରମାଣପତ୍ର ପରିବର୍ତ୍ତନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ସିମୁଳିଆ ମହମ୍ମଦପୁର ଅଂଚଳର ସ୍ୱର୍ଗତ ଭାସ୍କର ସେନାପତିଙ୍କ ଅସହାୟ ବିଧବା ସହଧର୍ମିଣୀ ପାର୍ବତୀ ସେନାପତି(୫୪) ଯିଏକି ୧୦୦ ପ୍ରତିଶତ ଦିବ୍ୟାଙ୍ଗ ଓ ଭିନ୍ନକ୍ଷମ ଥାଇ ହ୍ୱିଲଚେୟାରରେ ଅନ୍ୟଜଣେ ସହାୟତାକାରୀଙ୍କ ଦ୍ୱାରା ବସିଥିବା ଏବଂ ବିଭିନ୍ନ ରୋଗରେ ପୀଡ଼ିତ ଥାଇ ଯଥା ହୃଦଘାତ, ବ୍ରେନଷ୍ଟ୍ରୋକ, ପାରାଲିସ୍, ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ରୋଜଗାର ଅକ୍ଷମ ହୋଇଯାଇଛନ୍ତି ଗତ ୨୬.୧୦.୨୨ ତାରିଖରେ । ସରକାରଙ୍କ ତରଫରୁ ଏକ ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନକରି ୫୦ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ ହେଁ ସରକାରଙ୍କ ଗାଇଡଲାଇନ ଅନୁଯାୟୀ ତାଙ୍କୁ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଆର୍ଥିକ ସହାୟତା ପାଉନାହାଁନ୍ତି । ଏଣୁ ସିଏ ୫୦ପ୍ରତିଶତ ପ୍ରତିବଦଳରେ ୮୦,୯୦% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିବା ସହ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ପ୍ରଶାସନ ପକ୍ଷରୁ ଡାକ୍ତର ତାଙ୍କୁ ସଠିକ୍ ଭାବେ ନିରୀକ୍ଷଣ ନକରି ଏଭଳି କରାଇଥିବା ସେ ଅଭିଯୋଗ ବାଢ଼ିଛନ୍ତି ।

# ଜଳେଶ୍ୱରରେ ବ୍ଲକସ୍ତରୀୟ ପଂଚାୟତିରାଜ ଦିବସ ପାଳିତ

ଜଳେଶ୍ୱର (ନି.ପ୍ର) : ଜାତୀୟ ପଂଚାୟତ ରାଜ ଦିବସ ଅବସରରେ ଶୁକ୍ରବାର ସଂଧ୍ୟାରେ ଜଳେଶ୍ୱର ବ୍ଲକ ସ୍ତରୀୟ ପଂଚାୟତରାଜ ଦିବସ ପାଳିତ ହୋଇ ଯାଇଛି । ଲିଳା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ସୁଧିର କୁମାର ସାହୁ ମଂଚ ଆହ୍ୱାନ କରିଥିଲେ । ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ବିଡିଓ ଗୌରାଙ୍ଗ ଘୋଷ, ହିସାବ ରକ୍ଷକ ଜୀବନ କୁମାର ପରିଡା ଯୋଗଦେଇ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସଂପର୍କରେ କହିବା ସହିତ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ପଂଚାୟତ ଅଫିସର ସବ୍ୟସାଚୀ ଦାସ, ସିପି ସୁଜିତ୍ କୁମାର ଜେନା, ପ୍ରଜେକ୍ଟ ସଂଯୋଜକ ସମିକ୍ଷା ଚକ୍ରବର୍ତ୍ତୀ, ଅନୁପମ ସଜତ୍ ପ୍ରମୁଖ ପରିଚାଳନା କରିଥିଲେ । ମଂଚରେ କେତେକ ହିତାଧିକାରୀଙ୍କୁ ନୂତନ ରାସନକାର୍ଡ ବଂଟନ, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷକ ଭତ । ପ୍ରଦାନ, ଅନ୍ତର୍ଯ୍ୟୋୟ ଗୃହ ନିର୍ମାଣର କାର୍ଯ୍ୟାଦେଶ ଓ ପରିମଳା ଲାଗି ପାଇଖାନା ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ।

# ଇନ୍-ଫ୍ରା ବକ୍ଷସ୍ତୁ' ସଂସ୍ଥା ତରଫରୁ ବାଲେଶ୍ୱରରେ ଅକ୍ଷୟୋଜିତ ହେଲା ଆଧୁନିକ ବକ୍ଷସ୍ତୁ (ନାନୋ ବକ୍ଷସ୍ତୁ) ପାଠଶାଳା




ବାଲେଶ୍ୱର, (ନି.ପ୍ର.): ଇନ୍-ଫ୍ରା ବକ୍ଷସ୍ତୁ' ସଂସ୍ଥା ତରଫରୁ ସ୍ଥାନୀୟ ନୂଆସାହି ସ୍ଥିତ ଓଲା ସୋ ରୁମ୍ ପରିସରରେ ବେଶ୍ ଉତ୍ସାହ ଓ ଆଗ୍ରହର ସହ ଆଧୁନିକ ବକ୍ଷସ୍ତୁ (ନାନୋ ବକ୍ଷସ୍ତୁ) ପାଠଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନେକ ବାସ୍ତୁ ପ୍ରେମୀ ବ୍ୟକ୍ତିଙ୍କ ଉପସ୍ଥିତିରେ ମାଗଣା ଡେମୋ କ୍ଲାସ ଆୟୋଜନ କରାଯାଇଥିଲା । ଇଂଜିନିୟର ପ୍ରଦୀପ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ବାସ୍ତୁକ୍ଲାସରେ ବୈଦିକ ବକ୍ଷସ୍ତୁଶାସ୍ତ୍ର, ଆଧୁନିକ ବକ୍ଷସ୍ତୁ, ନାନୋ ବକ୍ଷସ୍ତୁ ଓ ଏହାର ସାମାଜିକ ଉପାଦେୟତା ବାବଦରେ ଗୁଢ଼ ରହସ୍ୟ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ, ବୈଦିକ ବକ୍ଷସ୍ତୁରେ ଆଜିର ଅତ୍ୟାଧୁନିକ ମେସିନ୍, ଯନ୍ତ୍ରପାତି ଓ କାରିଗରୀ ସରଞ୍ଜାମକୁ ମିଶାଇ ବୈଜ୍ଞାନିକ ଆଧାରରେ ୧୬ ଦିଗ ମଣ୍ଡଳ ସାହାଯ୍ୟ ନେଇ ଘର, କାରଖାନା ଆଦି କ୍ଷେତ୍ରରେ ବିନା ଭଙ୍ଗାରୁଜାରେ ବିଜ୍ଞାନ ଗୁଣରେ ଯନ୍ତ୍ର ସ୍ଥାପନା ଦ୍ୱାରା ଯାବତୀୟ ସମସ୍ୟା ସମାଧାନ ସମ୍ଭବ ହେଇ ପାରୁଛି ।ସୂଚନାଯୋଗ୍ୟ ଯେ, ଇଂଜିନିୟର ପଟ୍ଟନାୟକଙ୍କ ଦ୍ୱାରା ଆଉ ନଅଟି ବିଭକ୍ଷଗ ସହ ପ୍ରସ୍ତୁତ ନାନୋ ବକ୍ଷସ୍ତୁ ସୂତ୍ରରୁ ସ୍ୱାସ୍ଥ୍ୟ, ଶିକ୍ଷା, ସମ୍ପଦ, ସମ୍ପର୍କ, କର୍ମ ଓ ବ୍ୟବସାୟରେ ଉପୁଜୁଥିବା ସମସ୍ୟାର ସମାଧାନ ଚାହୁଁଥିବା ଦିଗରେ ମଧ୍ୟ ପଥ ସୁଗମ ହେଲାଣି ବୋଲି ସେ କହିଥିଲେ । ଏଇ ଅବସରରେ ଅନେକ ଶଙ୍କକ୍ଷ ଆଶଙ୍କା ଓ ଜିଜ୍ଞାସା କୁ ନେଇ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଭାଗ ନେଇ ଇଞ୍ଜିନିୟର ପଟ୍ଟନାୟକ ଉପସ୍ଥିତ ଶ୍ରୋତାଙ୍କ ପ୍ରଶ୍ନର ସଠିକ ଜବାବ ଦେଇଥିଲେ ଓ ଏଇ ବକ୍ଷସ୍ତୁ ଶିକ୍ଷା ଦ୍ୱାରା ପରିବାର, ଦଶ ଓ ଦେଶର ପ୍ରଗତି ଦିଗରେ ଆଗେଇ ନେବା ପାଇଁ ସେ ବାଲେଶ୍ୱର ବାସୀଙ୍କୁ ଅନୁରୋଧ କରିଛନ୍ତି ।ପ୍ରକାଶ ଥାଉ କି ପ୍ରତି ଦ୍ୱିତୀୟ ଓ ଚତୁର୍ଥ ଶନିବାର ରବିବାର ଏଇ ଇନ-ଫ୍ରା ବକ୍ଷସ୍ତୁ ବାଲେଶ୍ୱର ଶାଖାରେ ପରାମର୍ଶ, ପ୍ରତିକାର ଓ 'ତମ' ଦ୍ୱାରା ଲୋକଙ୍କୁ ସେବା ଦିଆଯିବ ।

# ଜିଲ୍ଲା ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ବାଲେଶ୍ୱର (ନି.ପ୍ର.)ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଆଜି ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଏକ ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜିଲ୍ଲାର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଆଲୋଚନା କରିଥିଲେ । ୨୮-୦୪-୨୬ ତାରିଖରେ ଜିଲ୍ଲାରେ ହେବାକୁ ଥିବା ମହିଳା ଆକ୍ରୋଶ ସମାବେଶକୁ ସଫଳ କରିବା ପାଇଁ ବିଶେଷ ରଣନୀତି ପ୍ରସ୍ତୁତ କରାଯାଇଥିଲା । ମଣ୍ଡଳ ପ୍ରଶିକ୍ଷଣ ଶିବିର ଓ ମନ କି ବାତ୍ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହାସହିତ ଅନ୍ୟାନ୍ୟ



ସାଂଗଠନିକ କାର୍ଯ୍ୟ ବିସ୍ତାର ପାଇଁ ସଭାପତି ଶ୍ରୀଯୁକ୍ତ ବେହେରା କହିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଂଚ ପରିଚାଳନା କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ମମତା ମହାପାତ୍ର ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶିପ୍ରାରେଖା ମହାପାତ୍ର ମଂଚାସୀନ ଥିଲେ ।





ଜ୍ଞାନ ହେଉଛି ଦରିଦ୍ରର ସଂପଦ, ଧନୀର ସମ୍ମାନ, ଯୁବକର ଭରସା ଓ ବୃଦ୍ଧର ଶାନ୍ତି ତଥା ସୁଖ ।

# ଆଜିକାଲି



ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ
ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତୁଃ ସର୍ବ ଏବ ହି
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ଏଣୁ କରି ନିଜ ନିଜ ନିର୍ଦ୍ଦିଷ୍ଟ ବ୍ୟୁହ ଦ୍ୱାରରେ ଦୃଢ଼ରୂପେ ରହି ଆପଣମାନେ ସମସ୍ତେ ଭୀଷ୍ମ ପିତାମହଙ୍କୁ ହିଁ ସକଳ ଦିଗରୁ ରକ୍ଷା କରନ୍ତୁ ।

## ତାତି ଓ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ

ଓଡ଼ିଶାରେ ବାତ୍ୟାକୁ ନେଇ ଯେଉଁଭଳି ରାଜ୍ୟବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେଉଥିଲା ତାହା କ୍ରମଶଃ ଦୂର ହେବାକୁ ଯାଉଛି । ବାତ୍ୟା ସ୍ଥଳଭାଗ ଛୁଇଁଲେ ମଧ୍ୟ ରାଜ୍ୟରେ ଏହାର ପ୍ରଭାବ ପଡ଼ିବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆପାତତଃ ସୂଚନା ମିଳୁଛି । ଏହି ଦୃଷ୍ଟିରୁ ଲୋକେ ଆଶ୍ୱସ୍ତିଲାଭ କରିବା ସ୍ୱାଭାବିକ । ଦକ୍ଷିଣପୂର୍ବ ବଂଗୋପସାଗରରେ ଏହା ସକ୍ରିୟ ହୋଇ ଅବପାତ ରୂପ ଧାରଣ କରି ସମୁଦ୍ର ଭିତରେ ଦୁର୍ବଳ ହେବ ବୋଲି କୁହାଯାଉଛି । ଯଦି ଏହା ସତ୍ୟ ହୁଏ ତାହାଲେ ରାଜ୍ୟରେ ବାତ୍ୟାର ସେଭଳି ପ୍ରଭାବ ପଡ଼ି ନପାରେ । ଅପରପକ୍ଷେ ଗତ ୫/୬ ଦିନ ଧରି ପ୍ରବଳ ତାତିର ପ୍ରକୋପ ବଢ଼ିଛି । ଅଧିକାଂଶ ସହରରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି । ପଶ୍ଚିମଓଡ଼ିଶାର ସମସ୍ତ ସହର ଗୁଡ଼ିକ ଏବେ ଗରମ ତାତିରେ ଏକ ପ୍ରକାର ସିଝିଛି । ଝାରସୁଗୁଡ଼ାରେ ତାତିର ବେଶ ପ୍ରଭାବ ପଡ଼ିଛି । ପ୍ରଚଣ୍ଡ ଖରା ତାତି ସତ୍ତ୍ୱେ ଝାରସୁଗୁଡ଼ାରେ ମତଦାନ ହୋଇଛି । ଏବେ ଲୋକେ ବହୁ ସଂଖ୍ୟାରେ ମତଦାନ କେନ୍ଦ୍ରରେ ପହଂଚି ମତଦାନ କରିଥିଲେ । ବାତ୍ୟା ସଂପର୍କରେ ଯାହା କୁହାଯାଉଛି ୧୪ ତାରିଖ ପୂର୍ବାହ୍ନରେ ସ୍ଥଳଭାଗ ଛୁଇଁବ । କିନ୍ତୁ ଗ୍ରୀଷ୍ମ ପ୍ରବାହ ଆହୁରି ଜାରୀ ରହିବ ବୋଲି ସୂଚନା ମିଳୁଛି । କେବଳ ପଶ୍ଚିମଓଡ଼ିଶାରେ ନୁହେଁ ଉପକୂଳ ଅଂଚଳରେ ମଧ୍ୟ ପ୍ରଚଣ୍ଡ ଉତାପ ଯୋଗୁଁ ଲୋକେ ନାନା ସମସ୍ୟା ଘେରରେ ରହୁଛନ୍ତି । ଗତମାସରେ ଯେଉଁଭଳି ପ୍ରାୟ ଦୁଇ ସପ୍ତାହ ଧରି ପ୍ରଚଣ୍ଡ ରୌଦ୍ରତାପ ଲୋକଙ୍କୁ ଅସ୍ତବ୍ୟସ୍ତ କରିଥିଲା ଏବଂ ବହୁ ସହରରେ ତାପମାତ୍ରା୪୪ ଡିଗ୍ରୀକୁ ଟପି ଯାଇଥିଲା । ଏବେ ଯାହା ସୂଚନା ମିଳୁଛି ବହୁ ସହରରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି । କିନ୍ତୁ ଗୁଳୁଗୁଳିରେ ଲୋକେ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି । ସକାଳ ୧୦ଟା ପରଠାରୁ ପୂର୍ବଭଳି ରାସ୍ତାଘାଟ ଜନଶୂନ୍ୟ ହୋଇ ଯାଉଛି । ଯଦିଓ କେତେକ ସ୍ଥାନରେ ପାଗ ଦିନ ବେଳେ ସାମାନ୍ୟ ମେଘୁଆ ରହୁଛି କିନ୍ତୁ ଗୁଳୁଗୁଳି ବେଶ ପ୍ରଭାବ ପଡୁଛି । ମଝିରେ କେତେକ ସ୍ଥାନରେ ଯେଉଁଭଳି ବର୍ଷା ହୋଇଥିଲା ତାହା ସମୁଦ୍ରକୁ ଶଂଖେ ପାଣି ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ସଂପ୍ରତି ରୌଦ୍ରତାପ ଓ ତାପମାତ୍ରାକୁ ନେଇ ଲୋକଙ୍କ ମଧ୍ୟରେ ଆହୁରି ଚିନ୍ତା ବଢ଼ିବା ସ୍ୱାଭାବିକା କାରଣ ଯେକୌଣସି ମୁହୂର୍ତ୍ତରେ ଲୋକେ ଅଂଶୁଘାତରେ ପଡ଼ିବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ଏହି ଦୃଷ୍ଟିରୁ ଦିନ ୧୦ଟା ପରଠାରୁ ଲୋକେ ବାହାରକୁ ନ ଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁଣି ସତର୍କ ସୂଚନା ଦିଆଯାଇଛି । ଏବଂ ଅଧିକାଂଶ ସ୍ଥାନରେ ପଇଡ଼, ସରବତ ବିକ୍ରି ବଢ଼ିବା ସଂଗେ ସଂଗେ ଏହାର ଦର ମଧ୍ୟ ବଢୁଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ଆଉ ଏକ ସୂଚନା ମିଳିଛି ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ତାପମାତ୍ରା ଓ ରୌଦ୍ରତାପ ରହିପାରେ । ମୌସୁମୀ ଛୁଇଁଲା ପରେ ହିଁ ଏହାର ପ୍ରକୋପ କମିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଉଛି । ଏହି ଦୃଷ୍ଟିରୁ ଏବେଠୁ ଆମେ ସମସ୍ତେ ତାତି ଓ ରୌଦ୍ରତାପରୁ ରକ୍ଷା ପାଇବା ପାଇଁସମସ୍ତ ନିୟମ ପୂର୍ବଭଳି ପାଳିବା ଜରୁରୀ ।

# ଚିରସ୍ମରଣୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି

◆ ଶ୍ରୀ ଦାଶରଥୀ ଶତପଥୀ





ସହସ୍ରାଧିକ ବର୍ଷର ପରାଧିନତା ଓ ଅନ୍ଧକାର ଶୃଙ୍ଖଳରୁ ଓଡ଼ିଆ ଜାତିକୁ ସ୍ୱାଧିନତା ପଥର ସନ୍ଧାନ ଦେବା ନିମନ୍ତେ ମୁକ୍ତି ମଶାଲର ବର୍ତିକା ଧରାଇ ଯେଉଁ କେତେ ଜଣ ଯୋଗଜନ୍ମା ମହିୟସୀ ମହାପୁରୁଷ ଗଣ ଅସୀମ ତ୍ୟାଗବରଣ କରି ନିଜର ବିରାଟ ବ୍ୟକ୍ତିତ୍ୱ, ପ୍ରଗାଢ଼ ନିଷ୍ଠା, ନିର୍ଭୀକତା, ବିଚକ୍ଷଣତା, ମହନୀୟ ଦେଶପ୍ରୀତି ଓ ଶିକ୍ଷାନୁରାଗୀ ଭାବରେ ଯୁଗାନ୍ତକାରୀ ଇତିହାସ ସୃଷ୍ଟି କରିଛନ୍ତି ତନ୍ମଧ୍ୟରୁ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅନ୍ୟତମ । ଅବିଭକ୍ତ ଗଂଜାମ ଜିଲ୍ଲା ଏବର ଗଜପତି ଜିଲ୍ଲାର ପାରଳା ନଅରରେ ତା ୨୬.୦୪.୧୮୯୨ରେ ଜନ୍ମିତ କୃଷ୍ଣଚନ୍ଦ୍ର ତାଙ୍କ ପିତାଙ୍କ ଦ୍ୱାରା ସ୍ଥାପିତ ଉଚ୍ଚବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ପରେ ମାଡ୍ରାସର ରାଜକୁମାର କଲେଜରେ ଶିକ୍ଷା ସାରି ୧୯୧୩ ମସିହାରେ ଜମିଦାରୀର ଦାୟିତ୍ୱ ନେଲେ । ଏହି ସମୟରେ ପରାଧିନ ଭାରତବର୍ଷରେ ମଧୁବାବୁଙ୍କ ନେତୃତ୍ୱରେ ଗଠିତ ଉତ୍କଳ ସମ୍ମିଳନୀ ଦ୍ୱାରା ଓଡ଼ିଶାର ବିଚ୍ଛିନ୍ନାଂଚଳକୁ ଏକତ୍ରିତ କରିବା ପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ପରିଚାଳନା ଦାୟିତ୍ୱ ନେଇ ସ୍ୱତନ୍ତ୍ର ଉତ୍କଳ ଗଠନ ଆନ୍ଦୋଳନକୁ ସକ୍ରିୟ କରିଥାନ୍ତି । ସେତେବେଳେ ଗଂଜାମ ସହିତ କୋରାପୁଟ ମାନ୍ଦ୍ରାଜ ଅଧିନକୁ ଚାଲିଯାଇଥିଲା । ୧୯୧୪ ମସିହାରେ ଉତ୍କଳ ସମ୍ମିଳନୀର ଦଶମ ବୈଠକ ପାରଳାରେ ବସିଥିଲା । ଉତ୍କଳ ସମ୍ମିଳନୀର ଆଭିମୁଖ୍ୟରେ ଆକର୍ଷିତ ହୋଇ ଯୁବରାଜ କୃଷ୍ଣଚନ୍ଦ୍ର ଅତ୍ୟନ୍ତ ଦମ୍ଭର ସହିତ କହିଥିଲେ ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଯାଉ, ଯାହାକି ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା । ଏହି ସମ୍ମିଳନୀ ପରେ ପରେ ଯୁବରାଜ କୃଷ୍ଣଚନ୍ଦ୍ର ସବୁ ଓଡ଼ିଆ ଲୋକଙ୍କ ପାଖରେ ଖୁବ୍ ଭଲଭାବରେ ପରିଚିତ ହୋଇ ପାରିଥିଲେ । ଜାତୀୟବାଦୀ କୃଷ୍ଣଚନ୍ଦ୍ର ଓଡ଼ିଶା ଭୂଖଣ୍ଡକୁ ଏକତ୍ର କରିବା, ଓଡ଼ିଆଭାଷା ତଥା ଓଡ଼ିଆ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁବେଳେ ଚିନ୍ତିତ ଥିଲେ । ବିଚ୍ଛିନ୍ନ ହୋଇ ପଡ଼ିଥିବା ଓଡ଼ିଆ ଅଂଚଳଗୁଡ଼ିକରେ ଲୋକଙ୍କର ମତାମତ ସଂଗ୍ରହ ପାଇଁ ୧୯୨୪ ମସିହାରେ ଇଂରେଜ ସରକାରଙ୍କର ଓଡ଼ିଶା ଦାୟିତ୍ୱରେ ଥିବା ମି. ଫିଲିପ ଏବଂ ବିଶାଖାପାଟଣା କଲେକ୍ଟର ମି. ଡଫଙ୍କୁ ନେଇ ପ୍ରଥମେ ଫିଲିପ-ଡଫ କମିଟି ଗଠନ କଲେ । ମହାରାଜା କୃଷ୍ଣଚନ୍ଦ୍ର ଏହି କମିଟି ଆଗରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଦୃଢ଼ ଯୁକ୍ତ ବାଢ଼ିଥିଲେ । ସବୁ ଓଡ଼ିଆ ଲୋକଙ୍କୁ ଗୋଟିଏ ଶାସନ ମଧ୍ୟରେ ରଖାଯାଇ ଗୋଟିଏ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଯିବା ସରକାର ବୋଲି ଯୁକ୍ତି ମାଧମରେ ଦର୍ଶାଇଥିଲେ । ଏହି କମିଟିର ସୁପାରିଶକୁ ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ସରକାର ଓଡ଼ିଆ ଅଂଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନକୁ ବିରୋଧ କରିବାରୁ ସରକାର ୧୯୨୮ ମସିହାରେ ସାର ଜନ୍ ସାଇମନଙ୍କ ଅଧ୍ୟକ୍ଷତାରେ ୭ ଜଣିଆ ସଦସ୍ୟ ବିଶିଷ୍ଟ ଏକ ବଡ଼ ଧରଣର କମିଶନ ବସାଇଲେ । ବହୁ ବିରୋଧ ସତ୍ତ୍ୱେ ଓଡ଼ିଆଙ୍କ ସ୍ଥିତି ଓ ଦୂରବସ୍ଥାକୁ ଦେଖି ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ସାଇମନ କମିଶନଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନା କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ରଙ୍କ ଅକାଟ୍ୟ ଯୁକ୍ତି ଓ ସୁଚିନ୍ତିତ ମନ୍ତବ୍ୟ ଯୋଗୁଁ ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶରେ ଥିବା ଓଡ଼ିଆଙ୍କୁ ଏକତ୍ରିକରଣ କରି ଏକ ସ୍ୱତନ୍ତ୍ର ଦେଶ ଗଠନ ପାଇଁ କମିଟି ସୁପାରିଶ କରିଥିଲେ । ୧୯୩୦ ମସିହାରେ ଭାରତ ଶାସନ ସଂସ୍କାର ପାଇଁ ଇଂଲଣ୍ଡରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ବିହାର- ଓଡ଼ିଶା ସରକାରଙ୍କ ତରଫରୁ ଯୋଗଦାନ କରି ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯୁକ୍ତି ଉପସ୍ଥାପନ କରିଥିଲେ । ତାଙ୍କର ସୁଚିନ୍ତିତ ଯୁକ୍ତି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ପ୍ରସ୍ତାବ ସେଠାରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କ ଦ୍ୱାରା ସମର୍ଥିତ ହୋଇଥିଲା । ଯାହାକି ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ ପାଇଁ ଇଂରେଜ ସରକାର ଓଡ଼ିନେଲ କମିଟି ଗଠନ କରିଥିଲେ । ଏହିପରିପ୍ରେକ୍ଷୀରେ ୧୯୩୩ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସୀମା ନିର୍ଦ୍ଧାଣ ହେଲା ସତ ଏଥିରେ ଜୟପୁର ଓ ପାରଳାଖେମୁଣ୍ଡିର ବହୁ ଅଂଶ ଓଡ଼ିଶାରେ ମିଶିବାପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନଥିଲା । ଏହାକୁ ଭିତିକରି ମହାରାଜା କୃଷ୍ଣଚନ୍ଦ୍ର ପୁଣିଥରେ ଇଂଲଣ୍ଡ ଯାତ୍ରା କଲେ । ତୃତୀୟ ଗୋଲଟେବୁଲ ବୈଠକରେ ଯୋଗଦାନ କରି ପାରଳା ଓ ଜୟପୁରକୁ ଓଡ଼ିଶାରେ ମିଶ୍ରଣ ପାଇଁ ବଳିଷ୍ଠ ଯୁକ୍ତି ବାଢ଼ି ସଫଳ ହୋଇଥିଲେ । ଉକ୍ତ ବର୍ଷ ଡିସେମ୍ବର ମାସରେ ବ୍ରହ୍ମପୁର ସହରରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ବାର୍ଷିକ ଅଧିବେଶନରେ ସଭାପତି ପଦ ମଣ୍ଡନ କରିଥିଲେ । ଇଂରେଜ ସରକାରଙ୍କ ଅନୁମୋଦନକ୍ରମେ ୧୯୩୬ ମସିହା ଅପ୍ରେଲ ପହିଲା ତାରିଖରେ ଭାଷାଭିତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଯାଇଥିଲା । ଏହାର ଠିକ୍ ଏକ ବର୍ଷ ପରେ ଅର୍ଥାତ୍ ୧୯୩୭ ଏପ୍ରିଲ ପହିଲା ଦିନ ସେ ନୂତନ ଓଡ଼ିଶା ପ୍ରଦେଶର (ପ୍ରାକ୍ ସ୍ୱାଧୀନତା) ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ । ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟକାଳ ତା ୧.୪.୧୯୩୭ ରୁ ୧୯.୭.୧୯୩୭ ରହିଥିବା ସ୍ଥଳେ, ଦ୍ୱିତୀୟବାର ପ୍ରଧାନମନ୍ତ୍ରୀ ହୋଇ ତା ୨୪.୧୧.୧୯୪୧ରୁ ୩୦.୦୬. ୧୯୪୪ ରିଖ ତଥା ସମୁଦାୟ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ଓଡ଼ିଶାର ବହୁବିଧ ଉନ୍ନତି ସାଧନ କରିଥିଲେ । ରାଷ୍ଟ୍ରଭକ୍ତ ମହାରାଜା କୃଷ୍ଣଚନ୍ଦ୍ର ଓଡ଼ିଶାର କୃଷି ଓ ଶିଳ୍ପର ଅଗ୍ରଗତି ସହ ଶିକ୍ଷା, ବିଶେଷ କରି ନାରୀ ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ ଜାରି ରଖିଥିଲେ । ତାଙ୍କର ସାହିତ୍ୟ, ସଂଗୀତ ଓ ସଂସ୍କୃତ ପ୍ରତି ପ୍ରଗାଢ଼ ଆଦର ଥିଲା । ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମଗ୍ର ଓଡ଼ିଶାର ଉନ୍ନତି ସହ ଶିକ୍ଷାର ବହୁ, ପ୍ରସାର । ସେ ଥିଲେ ଓଡ଼ିଆ ଜାତିର ଏକ ଅଲିଭା ପ୍ରଦୀପ । ସେ ପ୍ରଦୀପ ଯୁଗଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ, ଆଜିର ଏହି ପବିତ୍ର ଜନ୍ମ ଦିନରେ ତାଙ୍କ ପ୍ରତି ଆମର ଭକ୍ତିପୂତ ପ୍ରଣାମ ।

*ସଚିବ, ଓଡ଼ିଶା ବିଧାନସଭା*

# କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ

◆ ଡ଼ଃ.ଅରୁନ୍ଧତୀ ଦେବୀ





ଜୟନ୍ତୀ ଅବସରରେ

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଠାରେ ଜନ୍ମିତ ଜଣେ ଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲେ । ରାଜା ଗୌରଚନ୍ଦ୍ର ଦେବ (ଦ୍ୱିତୀୟ) ଓ ରାଣୀ ବିଷ୍ଣୁପ୍ରିୟା ଦେବୀଙ୍କର ଜ୍ୟେଷ୍ଠ ପୁତ୍ର ଭାବେ କୃଷ୍ଣଚନ୍ଦ୍ର ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସେ ରାଜକୀୟ ବିଳାସବ୍ୟସନ ଠାରୁ ଦୂରରେ ରହି ଜନସେବାକୁ ଗୁରୁତ୍ୱ ଦେଇଥିଲେ । କଲେଜରେ ପଢ଼ିଲାବେଳେ କିଶୋର କୃଷ୍ଣଚନ୍ଦ୍ର ସର୍ବଦା ପାରଳାଖେମୁଣ୍ଡି ଏବଂ ଓଡ଼ିଆ ଜାତିର ଉନ୍ନତି ବିଷୟରେ ଚିନ୍ତା କରୁଥିଲେ । ଶିକ୍ଷାର ବିକାଶ ପାଇଁ ସେ ବହୁଗୁଡ଼ିଏ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପନା କରାବା ସହ ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତି ଓ ଗରିବ ଛାତ୍ରଙ୍କୁ ବିଦ୍ୟାଶିକ୍ଷା ପାଇଁ ଆର୍ଥିକ ସହାୟତା କରିଥିଲେ । ନାରୀଶିକ୍ଷା ପାଇଁ ସେ ପାରଳାଖେମୁଣ୍ଡିରେ ଏକ ବାଳିକା ବିଦ୍ୟାଳୟ ସ୍ଥାପନା କରିଥିଲେ । କୃଷ୍ଣଚନ୍ଦ୍ରଙ୍କ ପ୍ରଧାନ ଲକ୍ଷ୍ୟ ଥିଲା ଓଡ଼ିଶାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିକାଶ ଘଟାଇ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନା କରିବା । ତାଙ୍କ ପ୍ରଚେଷ୍ଟା କ୍ରମେ ହିଁ ଉତ୍କଳ ବିଶ୍ୱବିଦ୍ୟାଳୟ ଗଠନ ହେବାର ନିଷ୍ପତି ହୋଇଥିଲା । ଏହା ବ୍ୟତୀତ ସମସ୍ତ ଓଡ଼ିଆ ଭାଷୀ ଅଂଚଳର ଏକତ୍ରୀକରଣ କରିବାକୁ ସେ ଶପଥ ଗ୍ରହଣ କରିଥିଲେ । ପାରଳାଖେମୁଣ୍ଡି ଠାରେ ୧୯୧୪ ମସିହା ଡିସେମ୍ବର ୨୭ ଓ ୨୮ ତାରିଖରେ ସେ ଦଶମ ଉତ୍କଳ ସମ୍ମିଳନୀ ଆହୂତ କରି ନିଜର କର୍ମକୁଶଳତା ଦେଖାଇଥିଲେ । ସେଠାରେ ପ୍ରଥମ ଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତି ପକାଇଥିଲେ । ଶେଷରେ ତାଙ୍କ ଦ୍ୱାରା ଲେଖା ମେମୋରେଣ୍ଡମରେ ଓଡ଼ିଶା ସହିତ ପାରଳାଖେମୁଣ୍ଡି ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବିକୁ ଇଂରେଜ ସରକାର ଅଗ୍ରାଧିକାର ଦେଇ ଏହାକୁ ଓଡ଼ିଶାରେ ଅନ୍ତର୍ଗତ କରିଥିଲେ ଓ ୧୯୩୬ ମସିହା ଅପ୍ରେଲ ପହିଲାରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ମିଳିଥିଲା । ନିଜ ଶାସନ କାଳରେ ସେ କୃଷି ଓ ଶିଳ୍ପ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ତେବେ ୧୯୭୪ ମସିହା ମଇ ୨୫ ତାରିଖରେ ତାଙ୍କର ପରଲୋକ ଘଟିଥିଲା ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ : ୯୯୩୭୧୭୨୮୧୦*

# ମହାରାଜା କୃଷ୍ଣଚନ୍ଦ୍ର ଗଜପତି

◆ ବାଦଲ ଭୂୟାଁ

ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ । ତାଙ୍କ ନାମ ଅନୁସାରେ ଗଜପତି ଜିଲ୍ଲାର ନାମକରଣ ହୋଇଛି । ପ୍ରଥମ ବିଶ୍ୱଯୁଦ୍ଧରେ କ୍ୟାପେଟନ୍ ଦାୟିତ୍ୱ ତୁଲାଇଥିବା ଏହି ମହାନ ପୁରୁଷଙ୍କ ଓଡ଼ିଶା ଏବଂ ଓଡ଼ିଆ ଭାଷା ପ୍ରତି ଅତୁଟ ପ୍ରେମ ରହିଥିଲା । ଓଡ଼ିଆ ଭାଷା ସାହିତ୍ୟ, କଳା, ସଂସ୍କୃତି, କ୍ରୀଡ଼ା, ଅଶ୍ୱରୋହଣ ପ୍ରତି ତାଙ୍କର ରହିଥିଲା ଅହେତୁକ ଆଗ୍ରହ । ଗୋପବନ୍ଧୁ, ମଧୁସୂଦନ, ଫକୀରମୋହନ ଆଦିଙ୍କ ସହ ହାତ ମିଳାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ରାଜା କୃଷ୍ଣଚନ୍ଦ୍ର ଗଜପତି ଅଶେଷ ଯାଗଦାନ ଦେଇଥିଲେ । ଉତ୍କଳ ସମ୍ମିଳନୀର ସଦସ୍ୟ ଭାବେ ୧୯୩୦ ନଭେମ୍ବର ୧୬ ତାରିଖରେ ଲଣ୍ଡନରେ ଆୟୋଜିତ ଗୋଲ୍ ଟେବୁଲ ବୈଠକରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସେ ଇଂରେଜ ସରକାରଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ତାଙ୍କରି ଏହି ପ୍ରସ୍ତାବ ବାସ୍ତବ ରୂପ ନେଇଥିଲା । ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ଆମ ଦେଶର ପ୍ରଥମ ଭାଷା ଭିତିକ ରାଜ୍ୟ ହେବାର ଗୌରବ ଲାଭ କଲା । ସେ ସ୍ୱତନ୍ତ୍ର ଉତ୍କଳର ପ୍ରଥମ ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କଲେ । ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ ବଡ଼ମେଡ଼ିକାଲ, କଟକ ବିଦ୍ୟାଧରପୁର ଠାରେ ଧାନ ଗବେଷଣା କେନ୍ଦ୍ର ଆଦି ଅନୁଷ୍ଠାନ ସମେତ ବହୁ ଶିକ୍ଷାନୁଷ୍ଠାନ, ଶିଳ୍ପକେନ୍ଦ୍ର, ଡାକ୍ତରଖାନା ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ତାଙ୍କରି ଯୋଗୁଁ ଦକ୍ଷିଣ ଓଡ଼ିଶାରେ କୃଷି ଏବଂ ଜଳସେଚନ ବ୍ୟବସ୍ଥାର ବ୍ୟାପକ ବିକାଶ ହୋଇପାରିଥିଲା । ଗଞ୍ଜାମ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି ରୂପେ ପରିଚିତ ହୋଇପାରିଥିଲା । ଦେଶ ବିଦେଶରୁ ବହୁ ଉପାଧି ପ୍ରାପ୍ତ କରିଥିବା ରାଜା କୃଷ୍ଣଚନ୍ଦ୍ର ଗଜପତି ଇଂଲଣ୍ଡ ସରକାରଙ୍କ ଠାରୁ ସମ୍ମାନଜନକ ନାଇଟହୁଡ୍ ଉପାଧିରେ ସମ୍ମାନିତ ହୋଇଥିଲେ । ଭାରତୀୟ ସମ୍ବିଧାନ ପ୍ରଣୟନରେ ମଧ୍ୟ ତାଙ୍କର ଯୋଗଦାନ ରହିଥିଲା । ଓଡ଼ିଶା ମାଟିର ଏହି ବରପୁତ୍ର ୧୮୯୨ ମସିହା ଏପ୍ରିଲ ୨୬ ତାରିଖରେ ପାରଳାଖେମୁଣ୍ଡି ରାଜ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର : ୭୪୮୮୯୯୮୫୩୨*

# ଜଳ ସୁରକ୍ଷା ପ୍ରତି ଧ୍ୟାନ ଜରୁରୀ







ଜଳବାୟୁ ପରିବର୍ତ୍ତନ, ଆର୍ନ୍ତଜାତିକ ଉଷ୍ଣତା ବୃଦ୍ଧି, ଭୂତଳ ଜଳସ୍ତର ହ୍ରାସ ଯୋଗୁଁ ଆସନ୍ତା ୨୦୫୦ ମସିହା ବେଳକୁ ଭାରତ ସମେତ ବିଶ୍ୱର ଅର୍ଦ୍ଧାଧିକ ରାଷ୍ଟ୍ରରେ ଉତ୍କଟ ଜଳ ସଂକଟ ସୃଷ୍ଟି ହେବା ନେଇ ବୈଜ୍ଞାନିକମାନେ ଚେତାବନୀ ଦେଇଥିବାବେଳେ ଆମ ରାଜ୍ୟରେ ନିକଟ ଭବିଷ୍ୟତରେ ଜଳ ସଂକଟ ହେବନାହିଁ ଦେଖା ଦେବ ନାହିଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ଦେଶର ପ୍ରଥମ ଜଳାଶୟ ଗଣନା ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଉତ୍ସାହଜନକ । ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶର ଜଳାଶୟ ତାଲିକାରେ ଓଡିଶା ଚତୁର୍ଥ ସ୍ଥାନରେ ରହିଛି । ଦେଶରେ ଥିବା ମୋଟ ଜଳାଶୟ ମଧ୍ୟରୁ ଓଡ଼ିଶାରେ ୭୮,୫୦୬ ଟି ପୋଖରୀ ରହିଛି, ଯାହାକି ଦେଶରେ ଦ୍ୱିତୀୟ । ସେହିପରି ୯୨,୬୧୨ଟି ଗାଡିଆ ରହିଛି, ଯାହା ଦେଶରେ ଚତୁର୍ଥ ସର୍ବାଧିକ । ରାଜ୍ୟରେ ମୋଟ ୧,୮୧, ୮୩୭ଟି ପୋଖରୀ, ଗାଡିଆ, ହ୍ରଦ ଓ ଜଳଭଣ୍ଡାର ରହିଛି । ସେଥିମଧ୍ୟରୁ ୭,୧୦୯ଟି ପ୍ରାକୃତିକ ଜଳ ଉତ୍ସ ହୋଇଥିବା ବେଳେ ୧,୭୪, ୭୨୮ଟି ମଣିଷକୃତ । ଏଥି ମଧ୍ୟରୁ ୯୮ ପ୍ରତିଶତ ଗ୍ରାମାଚଂଳରେ ଥିବାବେଳେ ସହରାଚଂଳରେ ମାତ୍ର ୨ ପ୍ରତିଶତ ଜଳାଶୟ ରହିଛି । ଆହୁରି ମଧ ରାଜ୍ୟରେ ଥିବା ମୋଟ ଜଳାଶୟ ମଧ୍ୟରୁ ୮୯ ପ୍ରତିଶତ ବ୍ୟବହାର ଯୋଗ୍ୟ ବୋଲି କୁହାଯାଇଛି । ଅର୍ଥାତ ୧,୬୨,୨୦୭ଟି ଜଳାଶୟ ବ୍ୟବହାର ଉପଯୋଗୀ ଯାହାକି ଉତ୍ସାହଜନକ । ଏହା ସତ୍ୟ ଯେ, ରାଜ୍ୟର ଗ୍ରାମାଚଂଳରେ ବହୁ ପୋଖରୀ, ଗାଡିଆ ରହିଥିବାବେଳେ ସହରାଚଂଳରେ ଏବେ ପୋଖରୀ, ଗାଡିଆ, ହ୍ରଦ ଉପରେ ଏବେ ବାସଗୃହ ନିର୍ମାଣ ଚାଲିଛି । ଶୀଘ୍ର କାରଖାନା ଗଢି ଉଠିଛି । ଯାହାକି ଦିନକୁ ଦିନ ନୂଆ ନୂଆ ଜନବସତି ଗଢି ଉଠୁଥିବାବେଳେ ପୋଖରୀ, ଜଳାଶୟଗୁଡିକୁ ପୋତି ଦିଆଯାଇ ତା ଉପରେ ଜନବସତି ମାନ ଗଢି ଉଠିଛି । ପୁରୀ, କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ରାଉରକେଲା ପରି ରାଜ୍ୟର ବଡ ବଡ ସହରରେ ଥିବା ପୋଖରୀ, ଗାଡିଆ, ଜଳର ପ୍ରାକୃତିକ ଉତ୍ସକୁ ପୋତି ଦିଆଯାଇ ନିର୍ମାଣ ଚାଲିଛି । ଖୋଦ୍ ରାଜଧାନୀ ଭୁବନେଶ୍ୱରର ଜନବହୁଳ ନୟାପଲ୍ଲୀ ଅଂଚଳରେ କାହିଁ କେଉଁ କାଳରୁ ୭ ଏକର ଜାଗାରେ ଥିବା ଏକ ପ୍ରାକୃତିକ ଜଳ ଉତ୍ସ ବା ହ୍ରଦ ଏବେ ଏକ ପୋଖରୀରେ ସିମୀତ ରହିଛି । ଏହି ହ୍ରଦ ଉପରେ ବଡ ବଡ ଅଟାଳିକା ଗଢି ଉଠିଛି । ହାଇକୋର୍ଟଙ୍କ ଠାରୁ ଆରମ୍ଭ କରି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ପର୍ଯ୍ୟନ୍ତ ହ୍ରଦର ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ଏଥିରୁ ରାଜ୍ୟରେ ପୋଖରୀ, ଗାଡିଆ, ପ୍ରାକୃତିକ ଜଳ ଉତ୍ସ ଉପରେ ଜମି ମାଫିଆଙ୍କର କିପରି କୁ ନଜର ପଡ଼ିଛି, ତାହା ଅନୁମାନ କରାଯାଇପାରେ । ସେହିପରି ଜମି ମାଫିଆଙ୍କ ନିକଟରେ ସରକାର ତଥା ପ୍ରଶାସନ କିପରି ଅସହାୟ ହୋଇଛନ୍ତି, ତାହାର ସଂକେତ ମଧ୍ୟ ପ୍ରଦାନ କରୁଛି । ଅବଶ୍ୟ ଆମ ରାଜ୍ୟରେ ପୋଖରୀ ଗୁଡିକର ପୁନରୁଦ୍ଧାର ଲାଗି ରାଜ୍ୟ ସରକାର 'ମୋ ପୋଖରୀ' ନାମରେ ଏକ ଯୋଜନା ଆରମ୍ଭ କରିଥିଲେ ବର୍ତମାନ ଏବେ ଏହା କେବଳ ଯୋଜନାରେ ରହିଯାଇଥିବା ମନେହୁଏ । ସ୍ମରଣ କରାଯାଇ ପାରେ ଯେ, ଗ୍ରାମ ତଥା ଜନବସତିଗୁଡିକରେ ଲୋକଙ୍କ ବ୍ୟବହାର ପାଇଁ ରାଜରାଜୁଡା ଶାସନ ଅମଳରୁ ପୋଖରୀ, ଗାଡିଆ ଖନନ କରାଯାଇଥିଏ । ଯେଉଁ ପୋଖରୀ କେବଳ ଲୋକମାନଙ୍କର ଦୈନନ୍ଦିନ ବ୍ୟବହାର ପାଇଁ ନୁହେଁ, କୋଠ ମାଛଚାଷ ଏବଂ ଅଗ୍ନି ବିପତି କୃଷିକ୍ଷେତ୍ରକୁ ଜଳସେଚନ ଆଦି କ୍ଷେତ୍ରରେ ମଧ ଏହାର ଜଳକୁ ବ୍ୟବହାର କରାଯ ।ଇଥାଏ । ରାଜ୍ୟରେ ଖରାଦିନେ ପୋଖରୀ, ଗାଡିଆ, ଶୁଖିଲା ପଡିବା ଏକ ନିୟମିତ ଘଟଣା । ଗୋଟିଏ ପଟେ ଭୂତଳ ଜଳ ସ୍ତର ହ୍ରାସ ଏବଂ ଅନ୍ୟପଟେ ଅସହ୍ୟ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅନିମୟିତ ମୌସୁମୀ ଯୋଗୁଁ ବହୁ ପୋଖରୀ, ଗାଡିଆ, ଜଳାଶୟ ଶୁଖିଲା ପଡିବା ସହ କେବେ ବି ଜଳପୂର୍ଣ୍ଣ ହୋଇ ପାରୁନଥିବା ଦେଖାଯାଏ । ସେହିପରି ଭୂତଳ ଜଳସ୍ତର ପ୍ରତିବର୍ଷ କମି କମି ଯାଉଥିବା ବେଳେ ଗତ ଦଶନ୍ଧି ମଧ୍ୟରେ ଜଳସ୍ତର ୨ରୁ ୩ ମିଟର ହ୍ରାସ ପାଇଥିବା ରିପୋର୍ଟ ପ୍ରକାଶ ପାଇଛି । ଯେଉଁଥିପାଇଁ ଜଳ ସଂରକ୍ଷଣ ଉପରେ ଏବେ ସର୍ବାଧିକ ଗୁରୁତ୍ୱ ବୈଜ୍ଞାନିକ, ପରିବେଶମିତ୍ମାନେ ଦେଇଛନ୍ତି । ବିଶ୍ୱ ଜଳବାୟୁ ପରିବର୍ତନ, ଆନ୍ତର୍ଜାତିକ ଉଷ୍ଣତା ବୃଦ୍ଧି, ଋତୁ ଚକ୍ରରେ ପରିବର୍ତନ ନୂଆ ନୂଆ ଜନବସତି ବୃଦ୍ଧି, ଦ୍ରୁତ ଶିଳ୍ପୟନ ଭବିଷ୍ୟତରେ ଜଳ ସଂକଟର ମୁଖ୍ୟ କାରଣ ହୋଇପାରେ । ବିଶ୍ୱସ୍ତରରେ କ୍ଲାଇମେଟ ଇଣ୍ଡେକସରେ ଓଡିଶା ନିରାପଦ ସ୍ଥାନରେ ରହିବା ଏବଂ ନିକଟ ଭବଷ୍ୟତରେ ରାଜ୍ୟରେ ଜଳ ସଂକଟର ଆଶଙ୍କା ଥିବାନେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ପ୍ରଥମ ଜନଗଣନା ରିପୋର୍ଟ ସତ୍ତ୍ୱେ ରାଜ୍ୟରେ ଭୂତଳ ଜଳ ସ୍ତର ହ୍ରାସ ପାଇବା ନିଶ୍ଚିତ ଭାବେ ଚିନ୍ତାଜନକ । ଜଳ ସଂରକ୍ଷଣ ଉପରେ ଏବେ ସର୍ବାଧିକ ଗୁରୁତ୍ୱ ଦିଆଯିବ ଏବଂ ରାଜ୍ୟରେ ଥିବା ପୋଖରୀ, ଗାଡିଆ, ପ୍ରାକୃତିକ ଜଳ ଉତ୍ସର ପୁନରୁଦ୍ଧାର ତଥା ସୁରକ୍ଷା ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ । ଯାହାକି ଜଳ ସଂକଟର ରାଜ୍ୟକୁ ସୁରକ୍ଷିତ ରଖିପାରିବ । ରାଜ୍ୟର ଦୁର୍ଗମ ପାହାଡିଆ ଅଂଚଳରେ ବହୁ ପ୍ରାକୃତିକ ଝରଣା, ଜଳ ଉତ୍ସ ରହିଛି, ଯାହାକି ମଣିଷ, ଜୀବଜନ୍ତୁଙ୍କ ପାଇଁ ପ୍ରକୃତିର ଅବଦାନ । ତାହାର ସୁରକ୍ଷା ଏବେ ଜରୁରୀ ।

# ଦାନ୍ତର ଯତ୍ନ



ଆପଣ ଦାନ୍ତ ଘଷିବା ବେଳେ ବେଶି ନୁହେଁ କେବଳ ଏକ ମଞ୍ଜି ଆକାରର ଟୁଥ୍‌ପେଷ୍ଟ ନିଅନ୍ତୁ । ଏହାଛଡ଼ା ପ୍ରତି ତିନିମାସରେ ଥରେ ଟୁଥ୍‌ବ୍ରଶ୍ ବଦଳାନ୍ତୁ । ମାଢ଼ିରେ ଲାଗିଥିବା ଦାନ୍ତର ପଛପାଖକୁ ଘଷିବାରେ ଅଧିକ ସମୟ ଦିଅନ୍ତୁ । ଆପଣଙ୍କର ପାଟିରେ ଥିବା ଲାଳ ଯୋଗୁଁ ପାଟି ଭଲକରି ନ ଧୋଇଲେ ଦାନ୍ତ ମୂଳରେ ଜମିଥିବା ଖାଦ୍ୟରେ ଜୀବାଣୁ ବୃଦ୍ଧି ପାଇଥାଏ । ପ୍ରତ୍ୟେକଙ୍କ ପାଟିରେ ଲକ୍ଷ ଲକ୍ଷ ଜୀବାଣୁ ରହିଥାନ୍ତି । ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଲା କଠିନ ସ୍ଥାନରେ ରହି ବଂଶ ବୃଦ୍ଧି କରିବା । ଆପଣଙ୍କ ଜାଣିବା କିମ୍ବା ନଜାଣିବାରେ ରାତିଦିନ ଚବିଶ ଘଂଟା ଓ ବର୍ଷକ ୩୬୫ ଦିନ ଏହି କାମ ଆପେ ଆପେ ହୋଇଥାଏ । ଏଥିରୁ ଦୂରେଇ ହେବନାହିଁ । କାରଣ ଜୀବାଣୁ ଆମ ଶରୀରର ଏକ ଅଂଶବିଶେଷ । ଆମର ପସନ୍ଦ ଓ ନାପସନ୍ଦ ଉପରେ ଏହା ନିର୍ଭର କରେନାହିଁ । ଥରେ ସେମାନେ ଦାନ୍ତର ଉପରଭାଗରେ ରହିଲେ ପ୍ଲାକ୍ ତିଆରି କରିଦିଅନ୍ତି । ଏହି ପ୍ଲାକ୍ ଆମର ଦାନ୍ତର ଉପର ଭାଗରେ ଜମିଥିବା ଏକ ଆସ୍ତରଣ । ଏହାକୁ ସକାଳେ ଶୋଇବାରୁ ଉଠିବା ସମୟରେ ଦାନ୍ତରେ ଜିଭ ବୁଲାଇଲେ ଜଣାପଡ଼େ । ଟୁଥ୍‌ବ୍ରଶ ଦ୍ୱାରା ଏହି ପ୍ଲାକ୍‌କୁ ହଟାଇ ଆପଣଙ୍କ ଦାନ୍ତର ଯତ୍ନ ନିଅନ୍ତୁ । ଦାନ୍ତର ତଳ ଓ ଉପର, ଭିତର ଓ ବାହାର ପାଖକୁ ଧୀରେ ଧୀରେ ବ୍ରଶକୁ ଘୂରାଇ ଘୂରାଇ ଘଷନ୍ତୁ । ବେଶି ଟାଣକରି ବା ଅଧିକ କୋମଳ କରି ଘଷିବା ଉଚିତ ନୁହେଁ । ଏପରି ନକରିବାର କାରଣ ହେଲା ଖୁବ୍ ଜୋର୍‌ରେ ଦାନ୍ତ ଘଷିଲେ ମାଢ଼ିରୁ ରକ୍ତ ବାହାରେ ଓ ନରମ କରି ଘଷିଲେ ଦାନ୍ତମୂଳରେ ଜମିଥିବା ଖାଦ୍ୟାଂଶ ଓ ପ୍ଲାକ୍ ବାହାରିପାରେ ନାହିଁ । ତେଣୁ ମଧ୍ୟମଧରଣ ଚାପ ଦେଇ ଦାନ୍ତ ଘଷିବା ଉଚିତ । ଦାନ୍ତର ଯତ୍ନନେବାର ଅନ୍ୟ ଏକ ପଦ୍ଧତି ଅନୁଯାୟୀ ପ୍ରଥମେ ଦାନ୍ତକୁ ଏକ ସୂତାରେ ସଫା କରିନିଅନ୍ତୁ । ଏପରି କରିବା ଦ୍ୱାରା ଦାନ୍ତର ଭିତରେ ଓ ବାହାରେ ଲାଗିଥିବା ପ୍ଲାକ୍ ବାହାରି ଆସେ ଏବଂ ଅନିଷ୍ଟକାରୀ ଜୀବାଣୁକୁ ମାରିବା ସହଜ ହୋଇଥାଏ । ବ୍ରଶ ଠିକ୍ ମାଢ଼ିର ଧାରରେ ରଖି ଛୋଟ ଛୋଟ ଘୂରାଇ ଘୂରାଇ ଦାନ୍ତର ଭିତର ଓ ବାହାରକୁ ବ୍ରଶ କରନ୍ତୁ । ଦାନ୍ତର ଉପରିଭାଗକୁ ସଫା କରିବା ସମୟରେ ବ୍ରଶକୁ ଟିକିଏ ଢଳାଇ ଦିଅନ୍ତୁ । ଆପଣଙ୍କର ଆଗ ଦାନ୍ତର ପଛପାଖକୁ ସଫା କରିବା ସମୟରେ ବ୍ରଶ୍‌କୁ ସିଧା ଧରି ତଳ ଓ ଉପର କରି ସଫା କରନ୍ତୁ । ପ୍ରତ୍ୟେକ ଦାନ୍ତ ପାଇଁ ଏପରି ବାରମ୍ବାର କରନ୍ତୁ । ଷ୍ଟ୍ର ସାହାଯ୍ୟରେ ମିଠା ପାନୀୟ ପିଅନ୍ତୁ । କାରଣ ଏହା ଦାନ୍ତକୁ ମିଠାଜନିତ କ୍ଷତିରୁ ରକ୍ଷା କରେ । ମାଉଥ୍ ୱାଶ୍ ବ୍ୟବହାର କରିବା ସମୟରେ ଏଥିରେ ଯାହା ଲେଖାଅଛି ସେହି ଅନୁଯାୟୀ ବ୍ୟବହାର କରନ୍ତୁ । ଏବେ ବଜାରକୁ ଅନେକ ନୂଆ ଫଳପ୍ରଦ ଟୁଥ୍‌ପେଷ୍ଟ ଆସିଛି, ଯାହା ଦାନ୍ତକ୍ଷୟରୁ ରକ୍ଷା କରିବା ସହ ଏଥିରେ ଗର୍ତ୍ତ ହେବାକୁ ଦିଏନାହିଁ । ଦନ୍ତ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଏହାକୁ ବ୍ୟବହାର କରନ୍ତୁ । ପାକସ୍ଥଳୀରେ ଥିବା ଅମ୍ଳ ବେଳେ ବେଳେ ପାଟିକୁ ବାହାରିଆସେ ଯାହା ଦାନ୍ତର ଅନେକ କ୍ଷତି ଘଟାଏ । ଦାନ୍ତ ଚିକିତ୍ସକଙ୍କଠାରେ ଦାନ୍ତ ପରୀକ୍ଷା କରିବା ସମୟରେ ଏହି ବିଷୟ ଧରାପଡ଼ିଥାଏ । ପ୍ରଚୁର କ୍ଷୀର ପିଅନ୍ତୁ । ଏଥିରେ ଥିବା କାଲସିୟମ ହାଡ଼କୁ ଶକ୍ତ ଓ ଦାନ୍ତକୁ ବୃଦ୍ଧି କରେ ।







# ପଂଚାୟତିରାଜ ଦିବସ ସମାରୋହରେ ସଫଳ ସରପଂଚମାନେ ସମ୍ବର୍ଦ୍ଧିତ

ମାଲକାନଗିରି : ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଜିଲ୍ଲା ସ୍ତରୀୟ ପଂଚାୟତିରାଜ ଦିବସ ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ସାରା ଦେଶରେ ଗ୍ରାମୀଣ ସ୍ୱୟଂ ଶାସନ ଏବଂ କ୍ଷମତାର ବିକେନ୍ଦ୍ରୀକରଣକୁ ସମ୍ମାନ ଜଣାଇ ପ୍ରତିବର୍ଷ ଏପ୍ରିଲ ୨୪ ତାରିଖକୁ ଜାତୀୟ ପଂଚାୟତିରାଜ ଦିବସ ଭାବେ ପାଳନ କରାଯାଇଥାଏ । ୧୯୯୩ ମସିହା ଏହି ଦିନରେ ୭୩ତମ ସମ୍ବିଧାନ ସଂଶୋଧନ ଆଇନ କାର୍ଯ୍ୟକାରୀ ହୋଇଥିଲା, ଯାହା ପଂଚାୟତଗୁଡ଼ିକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବା ସହ ଭାରତରେ ତୃଣମୂଳ ସ୍ତରର ଗଣତନ୍ତ୍ରକୁ ସୁଦୃଢ଼ କରିଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଦିବସ ଅବସରରେ ମାଲକାନଗିରି ଜିଲ୍ଲାରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଗରିବ ଓ ନିରାଶ୍ରୟ ପରିବାରକୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲାରେ ସର୍ବମୋଟ ୯୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି କାର୍ଯ୍ୟାଦେଶ ବଂଟନ ପାଇଁ ଚୟନ କରାଯାଇଥିବା ସୂଚନା ମିଳିଛି ।ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ, ମାଲକାନଗିରି ପଂଚାୟତ ସମିତି ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ସିଡିଓ ଶ୍ରୀ ସରାବୁ ସମସ୍ତ ଅତିଥି ଓ ଜନସାଧାରଣଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଏହି ସମାରୋହରେ ଅତିଥିମାନେ ପଂଚାୟତିରାଜର ସଶକ୍ତିକରଣ ଓ ଗ୍ରାମୀଣ ବିକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ । ମୁଖ୍ୟ ଅତିଥି ତଥା ବିଧାୟକ ଶ୍ରୀ ମାଡ଼କାମୀ ନିଜ ବକ୍ତବ୍ୟରେ କହିଥିଲେ, ଗ୍ରାମର ସର୍ବାଙ୍ଗୀନ ବିକାଶ ହିଁ ପ୍ରକୃତ ବିକାଶ । ପଂଚାୟତ ପ୍ରତିନିଧିମାନେ ହେଉଛନ୍ତି ଗଣତନ୍ତ୍ରର ମୂଳଦୁଆ । ସରକାରଙ୍କ ପ୍ରତ୍ୟେକଟି ଉନ୍ନୟନମୂଳକ ଯୋଜନାକୁ ଲୋକଙ୍କ ପାଖରେ ସ୍ୱଚ୍ଛତା ଓ ନିଷ୍ଠାର ସହ ପହଂଚାଇବା ପାଇଁ ସମସ୍ତେ ମିଳିମିଶି କାମ କରିବା ଆବଶ୍ୟକ ।ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତି ତାଙ୍ଗୁଲୁ କହିଥିଲେ, ପଂଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ଭୂମିକା ଆଜି ଅଗ୍ରଣୀ ସ୍ଥାନ ଗ୍ରହଣ କରିଛି । ତୃଣମୂଳ ସ୍ତରରୁ ନେତୃତ୍ୱ ନେଇ ଆମ ସରପଂଚ ଓ ସମିତି ସଭ୍ୟାମାନେ ଗ୍ରାମାଂଚଳର ପରିବର୍ତନ ଆଣିବାରେ ମୁଖ୍ୟ ବାହକ ସାଜିଛନ୍ତି ।ସେହିପରି ଜିଲ୍ଲାପାଳ ପଂଚାୟତରାଜ ବ୍ୟବସ୍ଥାରେ ବିସ୍ତୃତ ଭାବେ ବର୍ଣ୍ଣନା କରି କହିଥିଲେ, ଭାରତୀୟ ସମ୍ବିଧାନର ପ୍ରମୁଖ ସ୍ଥପତି ଡଃ. ବି. ଆର. ଅମ୍ବେଦକର ଆମ ଦେଶରେ ସମାନତା ଓ ସାମାଜିକ ନ୍ୟାୟର ଯେଉଁ ମୂଳଦୁଆ ପକାଇଥିଲେ, ତାହାକୁ ଆଗକୁ ନେବାରେ ପଂଚାୟତିରାଜ ବ୍ୟବସ୍ଥାର ବଡ଼ ଭୂମିକା ରହିଛି । ଆମ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନର ସହ ବଂଚିବାର ଅଧିକାର ଦେଇଛି । ସମ୍ବିଧାନର ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ଗରିବ ଲୋକଙ୍କ ପାଖରେ ଗୃହ ତଥା ରୋଜଗାର ଯୋଜନା ପହଂଚାଇବା ଜିଲ୍ଲା ପ୍ରଶାସନର ପ୍ରମୁଖ ଲକ୍ଷ୍ୟ । ସେ ଆହୁରି ମଧ୍ୟ କହିଥିଲେ ଯେ ପଂଚାୟତିରାଜ ଦିବସର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଗ୍ରାମାଂଚଳର ସ୍ୱାବଲମ୍ବନଶୀଳତା । ଗରିବ ଲୋକଙ୍କ ପାଖରେ ଗୃହ ତଥା ରୋଜଗାର ଯୋଜନା ପହଂଚାଇବା ଜିଲ୍ଲା ପ୍ରଶାସନର ପ୍ରମୁଖ ଲକ୍ଷ୍ୟ । ସରପଂଚମାନଙ୍କର ଏହି ନିଷ୍ଠାପର ଉଦ୍ୟମ ଜିଲ୍ଲାର ପ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବ ।ଏହି ସମାରୋହରେ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସରପଂଚମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗ୍ରାମୀଣ ଗୃହ ଯୋଜନାରେ ଶତ ପ୍ରତିଶତ ଘର ସମ୍ପୂର୍ଣ୍ଣ କରିଥିବାରୁମାଲକାନଗିରି ବ୍ଲକ ତଣ୍ଡିକି ସରପଂଚ ବାବୁଲା ପଡ଼ିଆମୀ,କାଲିମେଳା ବ୍ଲକ ବଡ଼ିଗେଟା ସରପଂଚ ଲିଲି ସୋଡୀ ଓଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡ଼ା ସରପଂଚ ଭଗବତୀ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଉଲ୍ଲେଖନୀୟ ଶ୍ରମ ଦିବସ ସୃଷ୍ଟି କରି ଲୋକଙ୍କୁ କାମ ଯୋଗାଇଥିବାରୁ କୋରୁକୋଣ୍ଡା ବ୍ଲକ ସୋମନାଥପୁର ସରପଂଚ ମଞ୍ଜୁଳା ସିସା, ଖଇରପୁଟ ବ୍ଲକ ପୋଡାଘାଟ ସରପଂଚ ଗୁରା ମଲାଲି ଏବଂ କାଲିମେଳା ବ୍ଲକ ଟିଗଲ ସରପଂଚ ଆମୀ କୁଞ୍ଜୀଙ୍କୁ ମଧ୍ୟ ମଂଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସଫଳତାର ସହ ପରିଚାଳନା କରିଥିଲେ । ଶେଷରେ ମାଲକାନଗିରି ବିଡିଓ ତପନ ସେନାପତି ଉପସ୍ଥିତ ସମସ୍ତ ଅତିଥି, ସରପଂଚ ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଓ ମାଲକାନଗିରି ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ । ପରିଶେଷରେ ସମସ୍ତେ ରାଜ୍ୟ ସ୍ତରୀୟ ପଂଚାୟତରାଜ ଦିବସକୁ ଭର୍ଚୁଆଲ ମାଧ୍ୟମରେ ଦେଖିଥିଲେ ।

# 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ରେ ୩୯ଟି ବିବାହ ସଂପନ୍ନ

ବଲାଙ୍ଗୀର: ଜିଲ୍ଲା ପ୍ରଶାସନ ଓ ମହିଳା ଓ ଶିଶୁ ବିକାଶ ବିଭାଗ, ବଲାଙ୍ଗିରଙ୍କ ଆନୁକୂଲ୍ୟରେ କୋଶଳ କଳା ମଣ୍ଡଳ ପଡିଆ ପରିସରରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ସାମୂହିକ ବିବାହ ଉତ୍ସବ ଆୟୋଜିତ ହୋଇଥିଲା । ଏହି ପବିତ୍ର କାର୍ଯ୍ୟକ୍ରମରେ ୩୯ ଜଣ କନ୍ୟାଙ୍କର ବିବାହ ସମ୍ପନ୍ନ ହୋଇଛି । ଓଡିଆ ରୀତିନୀତି ଅନୁଯାୟୀ ଆୟୋଜିତ ଏହି ଉତ୍ସବରେ ଜିଲ୍ଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ଦମ୍ପତିମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପାଳଜୀ ପାଣିଗ୍ରାହୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ଲୋଇସିଂହା ବିଧାୟକଙ୍କ ପ୍ରତିନିଧି ସୁରେଶ ମହାଲିଙ୍ଗ, ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ । ସେମାନଙ୍କୁ ୪୫,୦୦୦ ଟଙ୍କା ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଯୋଗଦେଇ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ଏହା ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ଓଡିଶା ସରକାରଙ୍କ ପ୍ରତିଶ୍ରୁତିବଦ୍ଧ ଏକ ଐତିହାସିକ ପଦକ୍ଷେପ । ବିବାହ ସମାରୋହ ଦ୍ୱାରା ପରିବାର ଉପରେ ପଡୁଥିବା ଆର୍ଥିକ ବୋଝକୁ ସ୍ୱୀକାର କରି, ଓଡିଶା ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି । ଯୋଗ୍ୟ ଦମ୍ପତିଙ୍କ ପାଇଁ ସାମୂହିକ ବିବାହ ସମାରୋହ ଆୟୋଜନ କରି ସାମାଜିକ ଏକତା, ନ୍ୟାୟସଙ୍ଗତ ବିବାହ ଓ ସମାଜରେ ସମାନତାକୁ ପ୍ରୋତ୍ସାହିତ କରାଯାଉଛି । ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଘରୋଇ ଖର୍ଚ୍ଚକୁ ହ୍ରାସ କରିବା ସହିତ ବୈବାହିକ ରୀତିନୀତିରେ ମର୍ଯ୍ୟାଦା, ବୈଧତାକୁ ବଜାୟ ରଖିବା । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ବିଧବାଙ୍କୁ ପୁନଃ ବିବାହ ପାଇଁ ପ୍ରୋତ୍ସାହନ ଦିଆଯାଉଛି । ଏହି ଯୋଜନା ବାଲ୍ୟ ବିବାହ ଓ ଯୌତୁକ ପ୍ରଥାକୁ ନିବାରଣ କରିବା ସହିତ, ଓଡିଶା ବିବାହ ନିୟମ ଅନୁଯାୟୀ ପଞ୍ଜୀକରଣକୁ ସୁନିଶ୍ଚିତ କରେ ଓ ବିବାହରେ ମହିଳାଙ୍କ ଆଇନଗତ ସଚେତନତାକୁ ବୃଦ୍ଧି କରେ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କୁ ମୋଟ ୬୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଉଛି । ସେଥିରୁ ୪୫,୦୦୦ ଟଙ୍କା ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଂଟକୁ ହସ୍ତାନ୍ତର କରାଯାଏ ଓ ୧୫,୦୦୦ ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଏ । ଯୋଜନାର ଯୋଗ୍ୟତା ଅନୁଯାୟୀ, କନ୍ୟାଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ଓ ବରଙ୍କ ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ । ବିଧବାଙ୍କ ପୁନଃ ବିବାହ, ଅନୁସୂଚିତ ଜାତି, ଜନଜାତି ଓ ଦିବ୍ୟାଙ୍ଗ ଦମ୍ପତିଙ୍କୁ ଏହି ଯୋଜନାରେ ପ୍ରାଥମିକତା ଦିଆଯାଉଛି ବୋଲି ଅନାନ୍ୟ ଉପସ୍ଥିତ ଅତିଥିମାନେ ନିଜ ଭାଷଣରେ କହିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ବିବାହ ବୈଧ ପଞ୍ଜୀକରଣ ମାଧ୍ୟମରେ ସମ୍ପନ୍ନ ହୋଇଛି । ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ ସହିତ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହଯୋଗରେ ସମସ୍ତ ବ୍ୟବସ୍ଥା ସୁଚାରୁ ଭାବରେ କରାଯାଇଥିଲା । ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ଯେ, ଆଗାମୀ ଦିନରେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ମଧ୍ୟ ଏପରି ସାମୂହିକ ବିବାହ ଆୟୋଜନ କରାଯିବ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ଲାଭ ପହଂଚାଇବାକୁ ସୁନିଶ୍ଚିତ କରାଯିବ ।

# ଜାତୀୟ ପଂଚାୟତିରାଜ ଦିବସ ପାଳିତ

ଜୟପୁର : କୋରାପୁଟର ସ୍ଥାନୀୟ ସଦଭାବନା ସଭା ଗୃହ ଠାରେ ଜାତୀୟ ପଂଚାୟତିରାଜ ଦିବସ ସମାରୋହ ଆୟୋଜିତ ହୋଇ ଯାଇଛି ଓ ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଧାୟକ କୋରାପୁଟ ରଘୁରାମ ମାଛ ଯୋଗ ଦେଇ ପଂଚାୟତ ସ୍ତରୀୟ ବିକାଶ ନିମନ୍ତେ ସରକାରଙ୍କ ଅଭିନବ ଯୋଜନା ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ । କୋରାପୁଟ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟଓ୍ୱାନ ମହାଜନ ସଶକ୍ତ ପଂଚାୟତ ନିର୍ମାଣ ପାଇଁ ଆହ୍ୱାନ ଦେବା ସହ ପ୍ରତି ପଂଚାୟତକୁ ଆର୍ଥିକ ଭାବରେ ସୁଦୃଢ଼ କରିବା ଆମ ଲକ୍ଷ୍ୟ ହେବା ଉଚିତ ବୋଲି ମତ ବ୍ୟକ୍ତ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ କୋରାପୁଟ ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ସଭାପତିତ୍ୱ କରିଥିଲେ ଏବଂ ଜନପ୍ରତିନିଧି ମାନେ କିପରି ପଂଚାୟତ ସ୍ତରରୁ ରାଜ୍ୟର ବିକାଶକୁ ସୁଦୃଢ଼ କରିପାରିବେ । ଜନପ୍ରତିନିଧି ମାନେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟକ୍ତି ସ୍ୱାର୍ଥକୁ ତ୍ୟାଗ କରି ଜନସ୍ୱାର୍ଥକୁ ଗୁରୁତ୍ୱ ଦେବା ଉଚିତ ବୋଲି ମତ ଉପସ୍ଥାପନ କରିଥିଲେ ଓ କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ବେଣୁଧର ଶବର ପଂଚାୟତିରାଜ ଦିବସର ତାତ୍ପର୍ଯ୍ୟ ବିଷୟରେ ସୂଚନା ଉପସ୍ଥାପନା କରିଥିଲେ । ଏହି ସମାରୋହରେ ପଂଚାୟତ ସମିତି କୋରାପୁଟର ଅଧ୍ୟକ୍ଷା ଶ୍ରୀମତୀ ନମିତା ମାଝୀ, କୋରାପୁଟ ସାଂସଦଙ୍କ ପ୍ରତିନିଧି ବାବୁଲା ବେନିଆ ସଂମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପଂଚାୟତିରାଜ ବ୍ୟବସ୍ଥା ଓ ଏହାର ଗୁରୁତ୍ୱ ବିଷୟରେ ନିଜ ମତ ବ୍ୟକ୍ତ କରିଥିଲେ । ଜାତୀୟ ପଂଚାୟତିରାଜ ଦିବସ ସମାରୋହ ପାଳନ ଅବସରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବା ଉଦେଶ୍ୟରେ ସ୍ୱତନ୍ତ୍ର ଫୋଟ ଚିତ୍ର ପ୍ରଦର୍ଶନୀର ଆୟୋଜିତ ହୋଇଥିଲା । ସମାରୋହ ଆରମ୍ଭପୂର୍ବରୁ ମୁଖ୍ୟ ଅତିଥି ଏହାର ଶୁଭ ଉଦଘାଟନ କରିଥିଲେ । ଅଥିତିମାନଙ୍କ ନିକଟରୁ ଗ୍ରାମୀଣ ଆବାସ ଯୋଜନାର ସଫଳ ରୂପାୟନ ନିମନ୍ତେ ଶ୍ରେଷ୍ଠ ପଂଚାୟତ ଭାବରେ କେନ୍ଦାର ଓ ମନୋରେଗା ଯୋଜନାର ସଫଳ ରୂପାୟନ ନିମନ୍ତେ ବଡ଼ଶୁକୁ ପଂଚାୟତ ପୁରସ୍କୃତ ହୋଇଥିଲେ ଓ ସେହିପରି ଅନ୍ତୋଦ୍ୱୟ ଗୃହ ଯୋଜନାର ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ କାର୍ଡ ଓ ୨ରୁ ୬ ମାସ ମଧ୍ୟରେଅନ୍ତୋଦ୍ୱୟ ଗୃହ ଯୋଜନାରେ ଗୃହ କାର୍ଯ୍ୟ ଶେଷ କରିଥିବା ହିତାଧିକାରୀଙ୍କୁ ଚେକ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ରାଧା ରାଣୀ ସରକାର ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ପଂଚାୟତ ଅଧିକାରୀ ଯୁଗଳ କିଶୋର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୪୯ ଯୋଡ଼ିଙ୍କ ସାମୁହିକ ବାହାଘର ସମ୍ପନ୍ନ

ଖୋର୍ଦ୍ଧା : ରାଜ୍ୟ ସରକାରଙ୍କର ଯୁଗାନ୍ତ କାରୀ ଆର୍ଥିକ ଅନଗ୍ରହସର ପରିବାରର ଝିଅ ମାନଙ୍କ ବାହାଘର ପାଇଁ ମୁଖ୍ୟ ମନ୍ତ୍ରୀ କନ୍ୟା ଯୋଜନାରେ ଜିଲ୍ଲା ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଖୋର୍ଦ୍ଧାର ଆରାଧ ଦେବୀ ପୀଠ ମା' ବରୁଣେଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜାଙ୍କ ପୌରହିତ୍ୟରେ ଖୋର୍ଦ୍ଧା ଜିଲ୍ଲାର ୪୯ ଗୋଟି ଯୋଡି କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସମ୍ପୂର୍ଣ୍ଣ ବୈଦିକ ରିତୀନୀତିରେ ବିବାହ କାର୍ଯ୍ୟ ସମ୍ପୂର୍ଣ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଖୋର୍ଦ୍ଧା ତଥା ଜିଲ୍ଲା ଯୋଜନା ବୋର୍ଡ ଅଧା ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ୪୯ ଯୋଡି ବର କନ୍ୟାଙ୍କୁ ରୁପାର ମଙ୍ଗଳ ସୂତ୍ର ଏବଂ ଗୋଡ଼ର ଝୁଂଟିଆ ବଂଟନ କରି ଆଶ୍ରିବାଦ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ବେଗୁନିଆ ପ୍ରଦୀପ କୁମାର ସାହୁ, ବିଧାୟକ ଭୁବନେଶ୍ୱର, ମଧ୍ୟ , ଅନନ୍ତ ନାରାୟଣ ଜେନା, ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ , ଖୋର୍ଦ୍ଧା ପୌରାପରିଷଦ ଅଧ୍ୟା କନକ ଲ୍ମୀ ମହାନ୍ତି , ଅତିରିକ୍ତ ଜିଲ୍ଲାପାଳ ସାଧାରଣ ,ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ,ଜିଲ୍ଲା ପରିଷଦ , ଜ୍ୟୋତି ଶଙ୍କର ସାହୁ , ଅତିରିକ୍ତ ଆରାୀ ଅଧିାକ , ଅନାଦି ଚରଣ ସେଠି, ଅବକାରୀ ଅଧିାକ ,ଖୋର୍ଦ୍ଧା , ସୁମିତ୍ରା ତ୍ରିପାଠୀ, ସଦର ବିଡ଼ିଓ ,ସିଦ୍ଧାର୍ଥ ପଟ୍ଟନାୟକ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ , ପ୍ରତାପ ଚନ୍ଦ୍ର ବେଉରା ଙ୍କ ପ୍ରତ୍ୟା ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ଓ କାର୍ଯ୍ୟକାରୀ ସଂସ୍ଥା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି, ସମ୍ପାଦକ ମିଳିତ ପରିଚାଳନାରେ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ସମାପିତ ହୋଇଥିଲା । ଏଥି ନିମନ୍ତେ ୪୯ ଗୋଟି ବରକନ୍ୟାଯୋଡି ବିଭାଘର ନିମନ୍ତେ ୪୯ ଗୋଟି ବେଦି ସହ ୪୯ ଜଣ ବ୍ରାହ୍ମଣ ଙ୍କୁ ନିୟୋଜିତ କରାଯାଇଥିଲା । ୪୯ଜଣ କନ୍ୟାଙ୍କୁ ବନାରସୀ ପାଟ ଓଢ଼ଣି ଏବଂ ୪୯ ଜଣ ବରଙ୍କୁ ଶେରଓ୍ୱାନି,ଜୋତା ମୁକୁଟ , ମଙ୍ଗଳ ସୂତ୍ର, ଗୋଡର ଝୁଂଟିଆ,ବୈଦିକ ରୀତିନୀତି ତେଲିଙ୍ଗି ବାଜା , ଶଙ୍ଖ ,୧୭୦୦. ଲୋକଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ,ସକାଳ ଜଳଖିଆ ,ସମସ୍ତ ଅତିଥିଙ୍କୁ ଉତରୀୟ ଓ ଖୋର୍ଦ୍ଧା ପାଇକ ପଗଡି ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଯୋଗାଇ ଦିଆଯାଇଥିଲା । ଏହି ସାମୁହ ବିବାହ ଉତ୍ସବରେ ବିବାହ ପରେ ୪୯ ଯୋଡି ଦମ୍ପତିଙ୍କୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ବିବାହ ରେଜେଷ୍ଟ୍ରି ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏହି ମୁଖ୍ୟ ମନ୍ତ୍ରୀ କନ୍ୟା ଯୋଜନାରେ ଆଜିଠାରୁ ସାତ ଦିନ ମଧ୍ୟରେ ସିଧା ସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ୪୫ ହଜାର ଟଙ୍କା ଡିବିଟି ମାଧ୍ୟମରେ ପଇଠ କରାଯିବ । ଆଜିର ଏହି ବିବାହ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି,ଦିଲୀପ ହୋତା ,ବେସମାରିକ ଜିଲ୍ଲା ଯୋଗାଣ ଅଧିକାରୀ , ଜ୍ଞାନେନ୍ଦ୍ରୀୟ ମିଶ୍ର , ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ,ଲକ୍ଷ୍ମଣ କୁମାର ବେହେରା ,ଡେପୁଟି କଲେକ୍ଟର ସୌମ୍ୟା ସାଗରିକା ସ୍ୱାଇଁ,, ରଞ୍ଜନ କୁମାର ଜେନା,ସାରା ମଲ୍ଲିକ, ସ୍ୱିଟି ସୋରେନ , ନିଜାରତ ଅଧିକାରୀ ,ରିସବ ତ୍ରିପାଠୀ, ଜିଲ୍ଲାସମାଜ କାର୍ଯ୍ୟାଳୟ ପୋଗ୍ରାମ ଅଫିସର ସୌଦାମିନୀ ଦାସ, ସମସ୍ତ ସିଡିପିଓ ,ଅଙ୍ଗନବାଡି ସୁପରଭାଇଜର,ଅଙ୍ଗନବାଡି କର୍ମୀ, ବରୁଣେଇ ମନ୍ଦିର ପୂଜକ ମାନେ ,ଗଣମାଧ୍ୟମ ପତିନିଧି ବୃନ୍ଦ ଯୋଗ ଦେଇଥିଲେ । ଶେଷରେ ବିବାହିତା ଦମ୍ପତି ମାନେ ଗୁରୁଜନ ମାନଙ୍କ ଆଶ୍ରିବାଦ ସହ ମା ବରୁଣେଇ କରୁଣେଇ ଙ୍କ ଆଶ୍ରିବାଦ ନେଇଥିଲେ । ଏଠାରେ ପ୍ରକାଶ ଥାଉକି ଓଡିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ହେଉଛି ଆର୍ଥିକ ଅନଗ୍ରସର ପରିବାରର ଝିଅ ମାନଙ୍କ ବିବାହ ପାଇଁ ଏକ ସହାୟକ ଯୋଜନା ,ଏହି ଯୋଜନା ଆଧୀନରେ ହିତାଧିକାରୀଙ୍କୁ ମୋଟ ୬୦ ହଜାର ଟଙ୍କା ସହାୟତା ଦିଆ ଯାଇଥାଏ ,୪୫ ହଜାର ଟଙ୍କା ଡି ବି ଟି ମାଧ୍ୟମରେ ପୈଠ କରାଯିବା ସହ ୧୦ ହଜାର ତାଙ୍କ ବିବାହ ଉପହାର ଯଥା ଶାଢ଼ୀ ,ଚୁଡି, ପାଉଁଜି ଏବଂ ଅନନ୍ୟା ଜରୁରୀ ସାମଗ୍ରୀ ପାଇଁ ବ୍ୟୟ କରାଯାଏ ଏବଂ ୫ ହଜାର ଟଙ୍କା ବିବାହ ମଣ୍ଡପ ସାଜସଜା ,ଖାଦ୍ୟପେୟ, ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ବ୍ୟବହୃତ ହୁଏ । ଏହି ଯୋଜନାରେ ହିତାଧିକାରୀ ହେବାକୁ ହେଲେ କନ୍ୟାର ବୟସ ୧୮ ରୁ ୩୫ ଓ ବରର ବୟସ ୨୧ ରୁ ୩୫ ହବା ଆବଶ୍ୟକ ,ଉଭୟ ବର କନ୍ୟା ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ । ଗୋଟିଏ ପରିବାରରୁ କେବଳ ଜଣେ ଝିଅ ଏହି ଯୋଜନାରେ ଲାଭ ପାଇ ପାରିବେ । ବିଧବା ବିବାହ କରୁଥିବା ମହିଳା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଦିବ୍ୟାଙ୍ଗ ମାନଙ୍କୁ ପ୍ରାଥମିକତା ଦିଆଯାଏ ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟିର ମାସିକ ବୈଠକ ଅନୁଷ୍ଠିତ

ନୂଆପଡ଼ା : ଜିଲ୍ଲାପାଳ, ନୂଆପଡାଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା କମିଟିର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଥଲା । ବିଶେଷ କରି ଏକତା ଛକ ରେ ସୁଗମ ଟ୍ରାଫିକ ବ୍ୟବସ୍ଥା, ଭେରା ଛକ, ଗାୟତ୍ରୀ ମନ୍ଦିର ଛକ, ସିର୍ଚ୍ଚୋଲ ଗ୍ରାମ ଛକ ମାନଙ୍କରେ ତଥା ଜିଲ୍ଲାର ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ରାଜପଥ ସହ ସଂଯୁକ୍ତ ହେଉଥିବା ରାସ୍ତାଗୁଡିକରେ ବେଗନିରୋଧକ ସ୍ଥାପନା, ଏକତା ଛକ, ରେଲୱେ ଫାଟକ ଆଦି ସ୍ଥାନମାନଙ୍କରେ ଅପେକ୍ଷାରତ ଯାତ୍ରୀ ମାନେ ଖରାତାପ ରୁ ରକ୍ଷା ପାଇବା ପାଇଁ ସେଡ ନିର୍ମାଣ, ଜାତୀୟ ରାଜପଥରେ ଯଥେଷ୍ଟ ପରିମାଣରେ ସଡକ ସୁରକ୍ଷା ସମ୍ବନ୍ଧୀୟ ସଂକେତ ଫଳକ ସ୍ଥାପନା, ବେଗନିରୋଧକ ନିର୍ମିତ ସ୍ଥାନମାନଙ୍କରେ ସ୍ପଷ୍ଟ ଦୃଶ୍ୟମାନ ଧଳା ରଙ୍ଗ ଲେପନ, ଆବଶ୍ୟକ ସ୍ଥଳେ ରାସ୍ତା ମରାମତି ଆଦି କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ସ୍ଥାପନା ହେବାକୁ ଥିବା ୧୦ ଟି ହେଲମେଟ ହବ ଆସନ୍ତା ମେ ମାସ ୬ ତାରିଖରେ ଶୁଭାରମ୍ଭ ହେବ । ହେଲମେଟ ହବ ସମ୍ବନ୍ଧୀୟ ବିଶେଷ ବିବରଣୀ ଆସନ୍ତା ୨୮ ତାରିଖ ପରେ ଜଣା ପଡିବ । ଏଥିପାଇଁ ନୂଆପଡା ଷ୍ଟେଟ ବ୍ୟାଙ୍କ ର ମୁଖ୍ୟ ପରିଚାଳକ ୫୦ ଗୋଟି ହେଲମେଟ ଦାନ କରିଥିବାରୁ ଜିଲ୍ଲାପାଳ ତାଙ୍କୁ ବୈଠକରେ ସମ୍ମାନିତ କରିଥିଲେ । ସେହିପରି ଖରିଆର ରୋଡ଼ ର ମନୋଜ ଡାଗା ଓ ସଂଜୁ ସୋନିଙ୍କୁ ଗୁଡ଼ ସାମାରିଟାନ ହିସାବରେ ପ୍ରମାଣପତ୍ର, ଉପଢୌକନ ସହ ୨୦୦୦ ଟଙ୍କା ର ପ୍ରୋତ୍ସାହନ ରାଶି ଚେକ ଆକାରରେ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ବିନା ହେଲମେଟ ରେ ଦୁଇଚକିଆ ଗାଡିମାନଙ୍କୁ ପେଟ୍ରୋଲ । ନ ଦେବା ପାଇଁ ଜିଲ୍ଲାପାଳ ଶକ୍ତ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ର କର୍ମଚାରୀମାନେ ବାଧ୍ୟତାମୂଳକ ହେଲମେଟ ବ୍ୟବହାର କରିବେ ଏବଂ ଏହି ମର୍ମରେ କାର୍ଯ୍ୟାଳୟ ମୁଖ୍ୟ ମାନେ ପ୍ରତିମାସରେ ଜିଲ୍ଲାପାଳଙ୍କୁ ଏକ ରିପୋର୍ଟ ଦାଖଲ କରିବେ । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ସଡକ ସୁରକ୍ଷା ନିୟମ ପାଳନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ଚଳିତ ଶିକ୍ଷାବର୍ଷର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ

ବଲାଙ୍ଗିର : ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୁଷୁରା ଠାରେ ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ର ପୋଷାକ ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ଡ. ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସାଧନ ସଂଯୋଜକ ଜଗ ମୋହନ ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରିଥିଲେ । ମାଗଣା ପୋଷାକ, ମାଗଣା ମଧ୍ୟାହ୍ନ ଭୋଜନ ଓ ମାଗଣା ପାଠ୍ୟପୁସ୍ତକ ଛାତ୍ରଛାତ୍ରୀଙ୍କୁ ସରକାରୀ ସ୍କୁଲକୁ ଆକର୍ଷିତ କରିବା ସହ ଡ୍ରପ୍ ଆଉଟ୍ ହାର କମାଇବାରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ କହିଥିଲେ । ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ନାଗ, ବିନ୍ଦୁ ମାହାଣା ଓ ଆକାଂକ୍ଷା ରାଣୀ ଯୋଶୀ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷୟତ୍ରୀ ପ୍ରଶାନ୍ତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେତୁ ଓ ଜନମନ ଯୋଜନା କାର୍ଯ୍ୟର ଅନୁଧ୍ୟାନ

# ନାରିଙ୍ଗଝୋଲାକୁ ଏକ ଆଦର୍ଶ ଗ୍ରାମ ଭାବେ ଗଢ଼ିବାକୁ ପ୍ରଶାସନର ଗୁରୁତ୍ୱ

ମାଲକାନଗିରି : ମାଲକାନଗିରି ଜିଲ୍ଲାର ଏକ ଉପାନ୍ତ ଅଂଚଳ କୋରୁକୋଣ୍ଡା ବ୍ଲକର ନାକାମାମୁଡ଼ି ଗ୍ରାମ ପଂଚାୟତରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଏବଂ ଚାଲିଥିବା ପ୍ରକଳ୍ପ ଗୁଡିକର ସଠିକ୍ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଆଜି ଏକ ସ୍ୱତନ୍ତ୍ର ପରିଦର୍ଶନ କରିଛନ୍ତି । ପ୍ରଶାସନର ଏହି ଗସ୍ତର ମୁଖ୍ୟ ଲକ୍ଷ୍ୟ ଥିଲା ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଏବଂ ଲୋକଙ୍କର ସମସ୍ୟା ଗୁଡିକୁ ପ୍ରତ୍ୟକ୍ଷ ଭାବରେ ଶୁଣି ତା'ର ସମାଧାନ କରିବା । ବାୟାପଡ଼ା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କାଳରେ ଅତିରିକ୍ତ ଶ୍ରେଣୀ ଗୃହର ସ୍ଥିତି ପରଖିବା ପରେ ଗ୍ରାମରେ ବହୁ ଦିନରୁ ଅସମ୍ପୂର୍ଣ୍ଣ ରହିଥିବା ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ବିଷୟରେ ଗ୍ରାମବାସୀ ଅଭିଯୋଗ କରିଥିଲେ । ଏହାକୁ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ବି.ଡି.ଓଙ୍କୁ କାର୍ଯ୍ୟଟିକୁ ଅତି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେହିଠାରେ ହିଁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । ଦାମଦରବେଡ଼ା ଗ୍ରାମରେ ସେତୁ ଯୋଜନାରେ ନିର୍ମାଣଧୀନ ୩୦ ଲକ୍ଷ ଟଙ୍କାର ବକ୍ସ ସେଲ୍ କଲଭର୍ଟ କାର୍ଯ୍ୟର ଅନୁଧ୍ୟାନ ବେଳେ ବର୍ଷା ଦିନ ପୂର୍ବରୁ ଏବଂ ସବୁ ସମୟ ପାଇଁ ଗୁଣବତା ଅପରିବର୍ତିତ ରଖିବାକୁ ପରାମର୍ଶ ଦିଆଯାଇଛି । ଗଙ୍ଗାପଡ଼ା ଗ୍ରାମରେ ଚାଲିଥିବା ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଓ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣରେ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ପରିଲକ୍ଷିତ ହୋଇଥିଲା । ଏହାକୁ ନେଇ ଜିଲ୍ଲାପାଳ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଠିକା ସଂସ୍ଥାକୁ ତାଗିଦ୍ କରି ଉଚ୍ଚମାନର ନିର୍ମାଣ ଶୈଳୀ ଆପଣେଇବାକୁ ସତର୍କ କରାଇଥିଲେ । ସେହିପରି ନାରିଙ୍ଗଝୋଲା ଗ୍ରାମକୁ ଏକ ଆଦର୍ଶ ଗ୍ରାମ ଭାବେ ଗଢ଼ିବାକୁ ହେଲେ ସେଠାରେ ଥିବା ଗ୍ରାମୀଣ ହାଟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଜନମନ) ଯୋଜନାରେ ନିର୍ମିତ ହେଉଥିବା ୪୦ଟି ଗରିବ ପରିବାରଙ୍କ ଆବାସ ଗୃହ ନିର୍ମାଣକୁ ଠିକ୍ ସମୟରେ ସାରିବାକୁ ଯୋଜନା କରାଯାଇଛି । ରାବା ଗ୍ରାମର ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ସହ ନୀଳାପାରି ସ୍ଥିତ କୃଷି ଉତ୍ପାଦନ କ୍ଲଷ୍ଟର ପରିଦର୍ଶନ ବେଳେ ଜିଲ୍ଲାପାଳ ଚାଷୀ ଓ ଅନ୍ୟ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସଫଳତା ଓ ସମସ୍ୟା ବୁଝିଥିଲେ । ସେହିପରି ନାକାମାମୁଡି ଜଳ ଯୋଗାଣ ପ୍ରକଳ୍ପ ବୁଲି ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ତଦାରଖ କରିଥିଲେ । ସମସ୍ତ ଅଧିକାରୀଙ୍କୁ ଆଗାମୀ ୨ ମାସ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ସମାପ୍ତ କରିବାକୁ କଡ଼ା ଚେତାବନୀ ଦେଇଛନ୍ତି । ଏହି କ୍ଷେତ୍ର ପରିଦର୍ଶନ ସମୟରେ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଦାଶରଥି ସରାବୁ, ପିଏ ଆଇଟିଡିଏ ହଳଧର ଶବର ଙ୍କ ସମେତ ଜିଲ୍ଲାର ପ୍ରଶାସନିକ ପ୍ରମୁଖ ବ୍ୟକ୍ତି ବିଶେଷ ଓ ଯନ୍ତ୍ରୀମାନେ ସାମିଲ ଥିଲେ ।

# ପ୍ଲାଷ୍ଟିକ ସଂଗ୍ରହ କରି ପରିବେଶ ସୁରକ୍ଷା କରୁଛନ୍ତି ପ୍ରକୃତି ବନ୍ଧୁ ସରୋଜ ମେହେର

ସମ୍ବଲପୁର: ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ କୁଡାପଡାର 'ଗାଁ ପ୍ରକୃତି ବନ୍ଧୁ' ସରୋଜ ମେହେର ପ୍ରକୃତି ପାଇଁ ସବୁ ବେଳେ କାମ କରି ଆସୁଛନ୍ତି । ପରିବେଶ ପାଇଁ ଗଛ, ଜଙ୍ଗଲରେ ବସବାସ କରୁଥିବା ପକ୍ଷୀଙ୍କ ପାଇଁ ଜଳଛତ୍ର, ପରିବେଶର ଜୀବଜନ୍ତୁଙ୍କୁ କ୍ଷତି ନକରି ଫସଲ ଜଗିଛି । କାଚ ବୋତଲ ନୂଆ ନୂଆ ଉପାୟ ସୃଷ୍ଟି କରି ପରିବେଶକୁ ତଥା ପରିବେଶରେ ବାସ କରୁଥିବା ଜୀବଜନ୍ତୁ ସୁରକ୍ଷା ରଖିବା ପାଇଁ ସବୁ ବେଳେ ଯୁଦ୍ଧ କରି ଆସୁଛନ୍ତି ସେହିପରି ଏବେ ଗ୍ରୀଷ୍ମ ସମୟରେ ବହୁ ମାତ୍ରାରେ ଦୋକାନ ବଜାରରେ ପାଣି ବୋତଲ ଥଣ୍ଡା ବୋତଲ ବିକ୍ରି ଚାଲିଛି ଲୋକମାନେ ପର୍ଯ୍ୟଟନ ସ୍ଥଳ, ମନ୍ଦିର ପରିସର, ସମୁଦ୍ର ପାଖରେ ପିଇ ସେହି ପ୍ଲାଷ୍ଟିକ ବୋତଲକୁ ପୋଫଡି ଦେଉଛନ୍ତି ସେଇ ପ୍ଲାଷ୍ଟିକ ବୋତଲ ପରିବେଶ ତଥା ସମାଜ ପାଇଁ କ୍ଷତିକାରକ । ଏହି ପ୍ଲାଷ୍ଟିକ ଖାଇ ବିଭିନ୍ନ ସମୟରେ ଗାଈଗୋରୁ ମରି ଯାଉଛନ୍ତି । ସେହିପରି ମଣିଷ ମାନଙ୍କୁ ବିଭିନ୍ନ ରୋଗ ଆକ୍ରମଣ କରୁଛି । ଏବେ ଗ୍ରୀଷ୍ମ ସମୟରେ ଅଧିକ ଭାବରେ ପ୍ଲାଷ୍ଟିକ ବୋତଲ ଛୁଆ ଠାରୁ ବୁଢ଼ା ଯାଏ ବ୍ୟବହାର କରୁଛନ୍ତି । ଏହି ପ୍ଲାଷ୍ଟିକ ବୋତଲ ନଳା ନର୍ଦ୍ଦମା ଠୁ ଆରମ୍ଭ କରି ଖେଳ ପଡିଆରେ ପଡ଼ି ବର୍ଷବର୍ଷ ଧରି ପରିବେଶ ନଷ୍ଟ କରୁଛି । ଏହି ପ୍ଲାଷ୍ଟିକ ଆବର୍ଜନା ନଷ୍ଟ ହେବାପାଇଁ ସର୍ବନିମ୍ନ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଥାଏ । ପ୍ଲାଷ୍ଟିକ ବ୍ୟବହାର ଦିନକୁ ଦିନ ବଢି ବଢି ଚାଲିଛି । ତାକୁ ଲକ୍ଷ୍ୟ କରି ପ୍ରକୃତି ବନ୍ଧୁ ସରୋଜ ମେହେର ୧ ଲିଟର ଓ ୨ ଲିଟର ପାଣି ବୋତଲ ବିଭିନ୍ନ ସ୍ଥାନରୁ ସଂଗ୍ରହ କରୁଛନ୍ତି ସମାଜ ଓ ପରିବେଶକୁ ସୁସ୍ଥ ରଖିବା ପାଇଁ ତାଙ୍କର ଚେଷ୍ଟା ଲାଗି ରହିଛି । ଏହି ପ୍ଲାଷ୍ଟିକକୁ ସମାଜରେ କମ୍ କରିବାକୁ ହେଲେ ପ୍ଲାଷ୍ଟିକ କମ୍ ବ୍ୟବହାର କରିବାକୁ ହେବ । ତା' ସହିତ ଯାହା ପ୍ଲାଷ୍ଟିକ ବୋତଲ ଆଣୁଛୁ ତାହାକୁ ଯଦି ଘରର ଉପକରଣରେ ସିମୀତ ରଖି ଛୋଟ ଛୋଟ ଖେଳନା ତିଆରି କରିବା ଓ ବୋତଲରେ ଗଛ ଲଗାଇବା ଭଳି କାର୍ଯ୍ୟରେ ବିନିଯୋଗ କରନ୍ତେ ଏବଂ ଅଦରକାରୀ ପ୍ଲାଷ୍ଟିକକୁ ସଂଗ୍ରହ କରି ପୋଡିଦେବା ତେବେ ପରିବେଶ ନିଶ୍ଚିନ୍ତ ସୁଧୁରି ପାରିବ । ଏଥିପ୍ରତି ପ୍ରତ୍ୟେକ ସ୍ତରରେ ସଚେତନ ରହିବା ସହ ଏ ଦିଗରେ ସଠିକ୍ ଉଦ୍ୟମ କରାଯାଇପାରିଲେ ଆଗାମୀ ଦିନରେ ନିଶ୍ଚିତ ଜନଜୀବନ ସୁଧୁରି ପାରନ୍ତା ବୋଲି ପ୍ରକୃତି ବନ୍ଧୁ ଆହ୍ୱାନ ଦେଇଛନ୍ତି ।



# ପୋଷଣ ଟ୍ରାକର: କୁପୋଷଣ ସମସ୍ୟାର ସମାଧାନରେ ତଥ୍ୟର ବ୍ୟବହାର



ପ୍ରଫେସର ଲିଣ୍ଡସେ ଜାକ୍ସ

ଇଲେକ୍ଟ୍ରୋନିକ୍ ସ୍ୱାସ୍ଥ୍ୟ ରେକର୍ଡର ବ୍ୟବହାର ବର୍ତମାନ ଚିକିତ୍ସା କ୍ଷେତ୍ରରେ ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇପାରିଛି । ଆମେ ସାଧାରଣତଃ ଦେଖୁ ଯେ ଡାକ୍ତରମାନେ ଆମର ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟକୁ ଡିଜିଟାଲ୍ ମାଧ୍ୟମରେ ଲିପିବଦ୍ଧ କରୁଛନ୍ତି । ଏହି ବ୍ୟବସ୍ଥା ଦ୍ୱାରା କେବଳ ସମୟାନୁକ୍ରମେ ସ୍ୱାସ୍ଥ୍ୟର ଗତିବିଧିକୁ ଉତମ ଭାବେ ନିରୀକ୍ଷଣ କରାଯାଇପାରୁ ନାହିଁ, ବରଂ ସମ୍ଭାବ୍ୟ ସ୍ୱାସ୍ଥ୍ୟଗତ ବିପଦକୁ ଆଗୁଆ ଚିହ୍ନଟ କରିବାରେ ମଧ ଏହା ସହାୟକ ହେଉଛି । ପ୍ରକୃତରେ, ଏହି ଡିଜିଟାଲ୍ ପ୍ରଣାଳୀର ସଫଳତା କେବଳ ତଥ୍ୟ ସଂଗ୍ରହ କରିବାରେ ସୀମିତ ନୁହେଁ; ବରଂ ସଂଗୃହିତ ସୂଚନାକୁ ସଠିକ୍ ନିଷ୍ପତିରେ ପରିଣତ କରି ରୋଗୀର ଯତ୍ନ ଓ ଚିକିତ୍ସା ସେବାରେ ଉନ୍ନତି ଆଣିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ । ଏହା ଚିକିତ୍ସା ପ୍ରକ୍ରିୟାକୁ ଅଧିକ ସମୟୋଚିତ ଓ ପ୍ରଭାବଶାଳୀ କରିଥାଏ । ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ୨୦୨୧ ମସିହାରେ ଆରମ୍ଭ କରାଯାଇଥିବା 'ପୋଷଣ ଟ୍ରାକର' ଆପ୍ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋଷଣ ସେବା ପ୍ରଦାନ ସମ୍ବନ୍ଧୀୟ ତଥ୍ୟକୁ ଅଧିକ କାର୍ଯ୍ୟକ୍ଷମ କରିବା । ଏହାର ଲକ୍ଷ୍ୟ କେବଳ ପାରମ୍ପରିକ ପଦ୍ଧତିର ଡିଜିଟାଇଜେସନ୍ କରିବା ନୁହେଁ, ବରଂ ଶିଶୁମାନଙ୍କର ଶାରୀରିକ ବୃଦ୍ଧି ଏବଂ ପୋଷଣ ସେବା କିପରି ଭାବେ ଲିପିବଦ୍ଧ ଓ ସମୀକ୍ଷା କରାଯାଉଛି, ସେଥିରେ ଅଧିକ ଗମ୍ଭୀରତା ଏବଂ ନିରନ୍ତରତା ଆଣିବା । ଏହି ବ୍ୟବସ୍ଥା ମାଧ୍ୟମରେ ସ୍ୱାସ୍ଥ୍ୟ ସେବାକୁ ଅଧିକ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ପ୍ରୟାସ କରାଯାଉଛି, ଯାହାଫଳରେ ପୋଷଣ ଅଭିଯାନର ପ୍ରଭାବଶାଳୀ ରୂପାୟନ ସମ୍ଭବ ହୋଇପାରିବ । ପୋଷଣ ଟ୍ରାକରରେ ନିୟମିତ ଭାବରେ ସଂଗୃହୀତ ବୃଦ୍ଧି ତଥ୍ୟକୁ ସମାଜର ଶେଷତମ ସ୍ଥାନରେ ରହିଥିବା ଲୋକମାନଙ୍କ ସକାଶେ ଅର୍ଥପୂର୍ଣ୍ଣ ନିଷ୍ପତି ଗ୍ରହଣ କରିବାରେ ରୂପାନ୍ତରୀତ କରିବାର ସମ୍ଭାବନା ଅଛି । ମାସିକ ବୃଦ୍ଧି ମନିଟରିଂ - ଯଦି ସଠିକ୍ ଭାବରେ ମାପ କରାଯାଏ ଏବଂ ସ୍ଥିର ଭାବରେ ରେକର୍ଡ କରାଯାଏ - ବିପଦର ପ୍ରାରମ୍ଭିକ ସଙ୍କେତ ପ୍ରଦାନ କରିପାରିବ । ଏକ ଏକକ, ସ୍ଥାୟୀ ଇଲେକ୍ଟ୍ରୋନିକ୍ ରେକର୍ଡ ଘରେ ନେବା ପାଇଁ ରାସନ୍, ସ୍ୱାସ୍ଥ୍ୟଜନିତ ଯତ୍ନ ନିମନ୍ତେ ପରାମର୍ଶ ଏବଂ ତୀବ୍ର କୁପୋଷଣରେ ଆକ୍ରାନ୍ତ ଶିଶୁମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ମାଧ୍ୟମରେ ଅଭିବୃଦ୍ଧି ଧାରା ସହିତ ସଂଯୁକ୍ତ କରିବାରେ ସହାୟକ ହୋଇପାରିବ । ଏହି ଦିଗରେ ଆଗକୁ ଅଗ୍ରସର ହେବା ନିମନ୍ତେ, ଆମକୁ ଡ୍ୟାସବୋର୍ଡରୁ ନିଷ୍ପତି ଏବଂ ଗଣନାରୁ ଯତ୍ନ ସମ୍ପର୍କିତ ତଥ୍ୟ ଓ ସୂଚନା ଗ୍ରହଣ କରିବାକୁ ପଡିବ । ଅନ୍ତର୍ନିହିତ ପ୍ରେରଣା, ସରଳ ଚେକ୍ ଲିଷ୍ଟ ଏବଂ ସତର୍କତା ଅଙ୍ଗନୱାଡି କର୍ମୀମାନଙ୍କୁ କ୍ଷତି କିମ୍ବା ଗୁରୁତର ତୀବ୍ର କୁପୋଷଣର ଶିକାର ହେଉଥିବା ପିଲାମାନଙ୍କ ସହିତ ଅନୁସରଣ କରିବାରେ ସହାୟତା କରିପାରିବ । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଆର.ସି.ଏଚ.୨.୦ ପୋର୍ଟାଲର ତଥ୍ୟ ସହିତ ସମନ୍ୱୟ ରକ୍ଷା ପୂର୍ବକ ସମନ୍ୱିତ ଗୃହ ପରିଦର୍ଶନ ମାଧ୍ୟମରେ ରେଫରାଲ୍ ଅନୁସରଣକୁ ଅଧିକ ମଜବୁତ କରାଯାଇ ପାରିବ । ସଂଗୃହୀତ ବିପୁଳ ତଥ୍ୟ ଆମମାନଙ୍କୁ ବର୍ତମାନ ଏକ ମୂଲ୍ୟବାନ ଆରମ୍ଭ ବିନ୍ଦୁ ପ୍ରଦାନ କରେ । ମାପ ଅଭ୍ୟାସ ଏବଂ ବ୍ୟବସ୍ଥା ସମର୍ଥନରେ କେନ୍ଦ୍ରିତ ଉନ୍ନତି ସହିତ, ଏହା ସମୟୋଚିତ ନିଷ୍ପତି ଗ୍ରହଣକୁ ବିଶ୍ୱସନୀୟ ଭାବରେ ସୂଚିତ କରିପାରିବ । ସଠିକ ନିଷ୍ପତି ଗ୍ରହଣ ସକାଶେ ମୌଳିକ ବିଷୟଗୁଡ଼ିକୁ ନିର୍ଦ୍ଧାରଣ କରିବା ଉପରେ ନିର୍ଭର କରେ - ନିର୍ଭରଯୋଗ୍ୟ ମାପ, ନିର୍ଦ୍ଦିଷ୍ଟ କୌଶଳ ଏବଂ କାର୍ଯ୍ୟକ୍ଷମ ଉପକରଣ । ଯଦି କୌଣସି ଶିଶୁର ଉଚ୍ଚତା କିମ୍ବା ଓଜନ ଗୋଟିଏ ମାସରୁ ପରବର୍ତୀ ମାସ ପର୍ଯ୍ୟନ୍ତ ଅବିଶ୍ୱାସନୀୟ ଭାବରେ ପରିବର୍ତନ ହୁଏ, ତେବେ ସିଷ୍ଟମ ଯାଂଚ କିମ୍ବା ପୁନରାବୃତି ମାପ କରିବା ଉଚିତ । ଏହି ଆପରେ ସଂଯୋଗ ହୋଇଥିବା ଛୋଟ ମାଇକ୍ରୋ-ଭିଡିଓ ଯତ୍ନ ସ୍ଥାନରେ ଓଜନ ମାପକ ଏବଂ ଦୀର୍ଘ ବୋର୍ଡଗୁଡ଼ିକର ସଠିକ୍ ବ୍ୟବହାରକୁ ସୁଦୃଢ଼ କରିପାରିବ । ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ କ୍ୟାଲିବ୍ରେଟ୍ ଏବଂ କାର୍ଯ୍ୟକ୍ଷମ ଉପକରଣମାନ ମହଜୁଦ ରହିଛି, ତାହା ସୁନିଶ୍ଚିତ କରିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ବୃଦ୍ଧି ମନିଟରିଂ ତଥ୍ୟର ଉପଯୋଗିତାକୁ ସୁଦୃଢ଼ କରିବା ପାଇଁ ଏହି ମୌଳିକ ବିଷୟଗୁଡ଼ିକ ଅତ୍ୟାବଶ୍ୟକ । ପୋଷଣ ଟ୍ରାକର ତଥ୍ୟର ବିଶ୍ଳେଷଣ ଡ୍ୟାସ୍ ବୋର୍ଡରୁ ନିଷ୍ପତି ନେବା ପାଇଁ ପରିବର୍ତନକୁ ସମର୍ଥନ କରିପାରେ । ପ୍ରଥମେ, ଆମକୁ ଜାଣିବାକୁ ପଡିବ ଯେ କେଉଁ ସମୟର ଅପଚୟ ହେବାର ସମ୍ଭାବନା ଅଧିକ ଥାଏ - କେଉଁ ବୟସରେ ଏବଂ ବର୍ଷର କେଉଁ ମାସରେ । ଏହା ଜନ୍ମ ସମୟରେ କି କିମ୍ବା ୦ ରୁ ୩ ମାସ କିମ୍ବା ୩ ରୁ ୬ ମାସ ଗୁରୁତ୍ୱପୂର୍ଣ୍ଣ, ଯେତେବେଳେ ମା'ମାନଙ୍କୁ କେବଳ ସ୍ତନ୍ୟପାନ କରାଇବାକୁ ଉତ୍ସାହିତ କରାଯାଇଥାଏ । କିମ୍ବା ଏହା ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତ କି, ଯେତେବେଳେ ପର୍ଯ୍ୟାପ୍ତ, ଉପଯୁକ୍ତ ଏବଂ ସୁରକ୍ଷିତ ପରିପୂରକ ଖାଦ୍ୟ ଆବଶ୍ୟକ ହୋଇଥାଏ । ପୋଷଣ ଟ୍ରାକର ତଥ୍ୟର ବିଶ୍ଳେଷଣ ଆମକୁ ଅପଚୟରୁ ସୁସ୍ଥ ହେଉଥିବା ପିଲାମାନଙ୍କ ବିଷୟରେ ଅଧିକ ବୁଝିବାରେ ସହାୟକ ହୋଇପାରିବ । କିଛି ଜିଲ୍ଲାର ପିଲାମାନେ ସୁସ୍ଥ ହେବାର ସମ୍ଭାବନା ଅଧିକ ଥାଏ କି ? ଖରିଫ ଫସଲ ମାସଗୁଡ଼ିକରେ ପିଲାମାନେ ସୁସ୍ଥ ହେବାର ସମ୍ଭାବନା ଅଧିକ ରହିଥାଏ କି ? ସେହିପରି, ଏପରି ବିଶ୍ଳେଷଣ ଆମକୁ ସେହି ପିଲାମାନଙ୍କ ବିଷୟରେ ଅଧିକ ସୂଚୀତ କରିପାରିବ ଯେଉଁମାନେ ସେମାନଙ୍କର ଶୈଶବ କାଳରେ ବାରମ୍ବାର କିମ୍ବା ନିରନ୍ତର ଅପଚୟ ଅନୁଭବ କରୁଛନ୍ତି । ସେମାନେ କ'ଣ ପୁଷ୍ଟିହୀନ ହୋଇ ଜନ୍ମ ହୋଇଥିଲେ ଏବଂ ଜନ୍ମ ପରେ ତାହା ପ୍ରତିପୂରଣ କରିପାରି ନ ଥିଲେ । ସେମାନେ କ'ଣ ନିୟମିତ ଭାବରେ ନିଜ ଘରେ ଆବଶ୍ୟକ ପୁଷ୍ଟି ପାଉ ନଥିବା ଶିଶୁ ଏଭଳି ଉପଲବ୍ଧ ସୂଚନା ସହିତ, ସ୍ଥାନୀୟ ସ୍ତରୀୟ ପୁଷ୍ଟିକର ସେବା ପ୍ରଦାନକୁ ଉନ୍ନତ କରାଯାଇପାରିବ । ତଥ୍ୟ ଉପରେ ବିଶ୍ୱାସକୁ ଉନ୍ନତ କରିବା ମଧ ଆଗଧାଡ଼ିର କର୍ମୀଙ୍କ କାର୍ଯ୍ୟଭାରକୁ ହାଲୁକା କରିବା ପାଇଁ ଏହି କେନ୍ଦ୍ର ସହାୟକ ହେବ । ଏହା ଫଳରେ ବ୍ୟବସ୍ଥାରେ ବିଶ୍ୱାସ ବୃଦ୍ଧି ଘଟିବା ସହିତ, ଅଧିକ ଅଙ୍ଗନୱାଡି କର୍ମୀ ଆପକୁ ଏକ ପ୍ରାଥମିକ ରେକର୍ଡ ଭାବରେ ବ୍ୟବହାର କରିବା ଆରମ୍ଭ କରୁଛନ୍ତି । ତଥାପି, ଅନେକ ସ୍ଥାନରେ, ଡିଜିଟାଲ୍ ଏଂଟ୍ରି ସହିତ କାଗଜ ରେଜିଷ୍ଟରଗୁଡ଼ିକୁ ରଖାଯାଉଛି । ଏହା ପ୍ରାୟତଃ ସଂଯୋଗବଶତଃ ପ୍ରତିବନ୍ଧକ କିମ୍ବା ଅନୁପାଳନ ଆବଶ୍ୟକତା ବିରୁଦ୍ଧରେ ଏକ ସୁରକ୍ଷା ଭାବରେ କାର୍ଯ୍ୟ କରେ । ଅଫଲାଇନ୍ କାର୍ଯ୍ୟକ୍ଷମତାକୁ ସୁଦୃଢ଼ କରିବା, ଡାଟା ନିର୍ଭରଯୋଗ୍ୟତାକୁ ଉନ୍ନତ କରିବା ଏବଂ ଡିଜିଟାଲ୍-ପ୍ରଥମ କାର୍ଯ୍ୟ ପ୍ରବାହ ଉପରେ ସ୍ପଷ୍ଟତା ପ୍ରଦାନ କରିବା ଦ୍ୱାରା ପଏଂଟ-ଅଫ୍-ସର୍ଭିସ୍ ଡାଟା ଏଂଟ୍ରି ଆଡକୁ ପରିବର୍ତନକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇପାରେ ଏବଂ ଦୋହରା ରିପୋର୍ଟିଂର ଆବଶ୍ୟକତାକୁ ହ୍ରାସ କରାଯାଇପାରିବ । ସିଷ୍ଟମକୁ ସୁଧାରିବାରେ ଛାମୁଆ କର୍ମୀମାନଙ୍କୁ ନିୟୋଜିତ କରିବା ଦ୍ୱାରା ଆପ୍ ସେମାନଙ୍କ କାମକୁ ସମର୍ଥନ କରେ ତାହା ନିଶ୍ଚିତ କରିବାରେ ସାହାଯ୍ୟ କରିପାରେ । ପୋଷଣ ଟ୍ରାକର ସମୟୋଚିତ ଏବଂ ସୂଚିତ ନିଷ୍ପତି ଗ୍ରହଣକୁ ସମର୍ଥନ କରିବା ପାଇଁ ଏକ ନିର୍ଭରଯୋଗ୍ୟ ସାଧନ । ଏହାର ବାସ୍ତବ ଶକ୍ତି ବିପଦର ପ୍ରାରମ୍ଭିକ ଚିହ୍ନଟ, ଦ୍ରୁତ ଅନୁସରଣ ଏବଂ ପୁଷ୍ଟିସାର ସେବାର ଉନ୍ନତ ସମନ୍ୱୟକୁ ସକ୍ଷମ କରିବାରେ ରହିଛି । ଶେଷ ମାଇଲର ବାସ୍ତବତା ପାଇଁ ଡିଜାଇନ୍ ଏବଂ ଡାଟା ଗୁଣବତା ଏବଂ ବ୍ୟବହାରରେ ନିରନ୍ତର ଭାବରେ ଉନ୍ନତି ମାଧ୍ୟମରେ ସଶକ୍ତ କରିବା, ପୋଷଣ ଟ୍ରାକର କେବଳ ଏକ ମନିଟରିଂ ସାଧନ ନୁହେଁ ବରଂ ପୁଷ୍ଟିସାର ସେବା ପ୍ରଦାନକୁ ମଜଭୁତ କରିବା ନିମନ୍ତେ ଏକ ଅର୍ଥପୂର୍ଣ୍ଣ ସଂସାଧନ ।

***(ଲେଖକ ଏଡିନବର୍ଗ ବିଶ୍ୱବିଦ୍ୟାଳୟରେ 'ଗ୍ଲୋବାଲ୍ ହେଲ୍ଥ ଆଣ୍ଡ ନ୍ୟୁଟ୍ରିସନ୍' (ବିଶ୍ୱ ସ୍ୱାସ୍ଥ୍ୟ ଏବଂ ପୋଷଣ) ବିଭାଗର ପ୍ରଫେସର ଭାବରେ କାର୍ଯ୍ୟରତ)***

# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ



ଖୁଂଟା(ନିପ୍ର): ଖୁଂଟା ଜି ବି ନଗର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଖୁଂଟା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଶେଷ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ତା ୧୬.୍୪.୨୦୨୬ ରିଖ (ଗୁରୁବାର) ଦିନ ପାଳିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡଃ ହିରଣ୍ମୟୀ ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବଡ଼ ସାହି କଲେଜର ପ୍ରାକ୍ତନ ଅଧ୍ୟାପକ ସଞ୍ଜୟ କୁମାର ଜେନା, ଡଃ ମଧୁସ୍ମିତା ପାଇନ, ହେମନ୍ତ ଲୋହାର ଓ ମୁଖ୍ୟ ବକ୍ତା ଭାବରେ ଆଇ କ୍ୟୁ ଏ ସି ର ସଂଯୋଜକ ତପନ କୁମାର ବାରିକ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ବିଦାୟ କାଳୀନ ସଭାରେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ଛାତ୍ରୀ ପମି ମଣି ଗୋଛାୟତ, ଲକ୍ଷ୍ମୀ ହାଁସଦା ଓ ଦେଓଲା ମୁର୍ମୁ । ସ୍ୱାଗତ ଅଭିଭାଷଣ ରଖିଥିଲେ ପ୍ରଥମ ବର୍ଷର ଛାତ୍ରୀ ଜ୍ୟୋତି ଶ୍ରୀ ଖିଲାର । ଛାତ୍ରୀ ଜସ୍ମିନ୍ କମିଲା, ଦେଓଲା ମୁର୍ମୁ ଓ ସ୍ମୃତିରେଖା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଛାତ୍ରୀ ସାଲଗେ ମୁର୍ମୁ । ଏହା ବ୍ୟତୀତ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

# 'ହୋପ ଏଜ ଟ୍ରଷ୍ଟ'ର ବାର୍ଷିକ ଉତ୍ସବ



କଟକ(ନିପ୍ର): ବରିଷ୍ଠ ନାଗରିକ ମାନଙ୍କ କଲ୍ୟାଣ ପାଇଁ ସମର୍ପିତ ଅନୁଷ୍ଠାନ 'ହୋପ ଏଜ ଟ୍ରଷ୍ଟ'ର ତ୍ରୟୋଦଶ ବାର୍ଷିକ ଉତ୍ସବ ମର୍କତ ନଗର ସେକ୍ଟର-୯ ସ୍ଥିତ ରାଇସିନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ରିଅଲ ଇଷ୍ଟେଟ ଟ୍ରିବ୍ୟୁନାଲର ଅଧକ୍ଷ ଜଷ୍ଟିସ ପ୍ରମଥ କୁମାର ପଟ୍ଟନାୟକ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଲେ ଯେ ଯୁବ ସମାଜକୁ ଦିଗଦର୍ଶନ ଦେବାରେ ବରିଷ୍ଠ ନାଗରିକ ମାନଙ୍କର ପ୍ରମୁଖ ଭୂମିକା ରହିଛି । ସେମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରୁଥିବା ହୋପ ଏଜ ଟ୍ରଷ୍ଟ କୁ ସଂପୂର୍ଣ୍ଣ ସହଯୋଗ କରିବାକୁ ଜଷ୍ଟିସ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ । ବିଶିଷ୍ଟ ଲୋକ ପ୍ରିୟ ବିଜ୍ଞାନ ଲେଖକ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ ଏଥିରେ ଉଦ୍‌ବୋଧନ ଦେଇ ମୂଲ୍ୟବାନ ମନୁଷ୍ୟ ଜୀବନର ବିଭିନ୍ନ ପର୍ଯ୍ୟାୟକୁ ସଦ୍‌ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କୁ ବ୍ୟାଧି ମୁକ୍ତ କରିବା ପାଇଁ ବିଭିନ୍ନ କିସମର ପ୍ରତିଷେଧକ ଟୀକା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ଥିଲେ । ଉନ୍ନତ ମାନର ଜୀବନ ଶୈଳୀର ବିଭିନ୍ନ ଦିଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଡାକ୍ତର ଅର୍ପିତା ପ୍ରିୟ ଦର୍ଶିନୀ ଏଥିରେ ଯୋଗ ଦେଇ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଅତୁଟ ରଖିବାର ବିଭିନ୍ନ କୌଶଳ ଉପରେ ଆଲୋଚନା କରିଥିଲେ । ଟ୍ରଷ୍ଟି ଡ଼ଃ ସତ୍ୟ ରାୟ ସ୍ୱାଗତ ଭାଷଣ ଦେବାସହ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ । ବିଶିଷ୍ଟ ନିଦାନ ବିଶାରଦ ଡାକ୍ତର ପ୍ରତିଭା ସେନ ଓ ବିଶିଷ୍ଟ ସମାଜ ସେବୀ ଦାମୋଦର ସାହୁଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ପୂର୍ଣ୍ଣ 'ହୋପ ଏଜ' ସମ୍ମାନ ପ୍ରଦାନ କରାଯାଇଥିଲା । ସଭାପତି କିଶୋର ଶତପଥୀ ଏଥିରେ ଅଧକ୍ଷତା କରିଥିଲେ । ସଂପାଦକ ରଂଜିତ ସାହୁ ବିବରଣୀ ପାଠ କରିଥିଲେ । ଯୁଗ୍ମ ସଂପାଦିକା ସୁଜାତା ପଟ୍ଟନାୟକ ମାନପତ୍ର ପାଠ କରିଥିଲେ । ଉପସଭାନେତ୍ରୀ ପ୍ରମିଳା ଦାସବର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାରଡ଼ାଙ୍ଗରେ ଆରମ୍ଭ ହେଲା ୨୩୧ତମ ହରିହାଟ ଉତ୍ସବ



ଖଇରା(ନିପ୍ର): ପ୍ରତିବର୍ଷ ପରି ଖଇରା ବ୍ଲକ ଅଧୀନ ସାରଡାଙ୍ଗ ଠାରେ ପାଳିତ ହୋଇ ଆସୁଥିବା ହରିହାଟ ଉତ୍ସବ ୨୩୧ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତ ବର୍ଷ ଉକ୍ତ ଉତ୍ସବ ୨୦ତାରିଖ ଠାରୁ ଆରମ୍ଭ ହୋଇଛି । ଅକ୍ଷୟ ତୃତୀୟାରେ କଳସ ଅଣାଯାଇ ଥିବା ବେଳେ ୨୧ରୁ ୨୩ ୩ଦିନ ଧରି ଶ୍ରୀ ଜଗନ୍ନାଥ ସେବା ସଙ୍ଗଠନ ର ମୁଖ୍ୟ ଅନିରୁଦ୍ଧ ପଣ୍ଡାଙ୍କ ଦ୍ୱାରା ପ୍ରତିଭା ପ୍ରଦର୍ଶନ ଓ ପ୍ରତିଯୋଗିତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୱେଷଣ ଆୟୋଜନ କରାଯାଇଥିଲା । ଖଇରା ଓ ସିମୁଳିଆ ବ୍ଲକରୁ ୭୨ଜଣ ପ୍ରତିଯୋଗୀ ନୃତ୍ୟ, ଅଭିନୟ, ଶଙ୍ଖ ଫୁଙ୍କାରେ ପାରଦର୍ଶିତା ଦେଖାଇ ଥିଲେ । ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ହରିହାଟ କମିଟିର ସମ୍ପାଦକ ଜ୍ୟୋତି ପ୍ରକାଶ କର, କୋଷାଧକ୍ଷ ନିରଞ୍ଜନ ସେଠୀ, ସଦସ୍ୟ ଭାସ୍କର ଘଡେଇ, କୈଳାସ ଦାସ, ଶୁକ ଜେନା, ବସନ୍ତ ଦାସ, ଗଙ୍ଗା ସେଠୀ, ଦିଲ୍ଲିପ କର, ଅକ୍ଷୟ ଜେନା, ସରୋଜ ବେହେରା, ସୀତାକାନ୍ତ ପତି, ଉପଦେଷ୍ଟା ନାରାୟଣ ପଣ୍ଡା, ମନୋରଞ୍ଜନ ପଣ୍ଡା, ଛାୟାକାନ୍ତ ମହାନ୍ତି, ବୈକୁଣ୍ଠ ସେଠୀ ଓ ନବ କିଶୋର ପଣ୍ଡା ସହଯୋଗ କରିଥିଲେ ।

# ନିଶାମୁକ୍ତ ଓଡ଼ିଶା ଜାଗରଣ ଅଭିଆନକୁ ବାଲିଆପାଳ କଂଗ୍ରେସ ପକ୍ଷରୁ ଭବ୍ୟସ୍ୱାଗତ




ବାଲିଆପାଳ(ନିପ୍ର): ନିଶା ସାରା ଦେଶକୁ କବଳିତ କରି ସାରିଲାଣି । ନିଶା ପାଇଁ ପରିବାର ମଧ୍ୟରେ ଅଶାନ୍ତି, ସଡ଼କ ଦୁର୍ଘଟଣା, ଲୋଟତରାଜ, ଛିନ ତାଇ ପରି ବିଭିନ୍ନ ଅସାମାଜିକ କାର୍ଯ୍ୟ ସହିତ ପ୍ରତି ଘରେ ନିଶା ସେବନ ଦ୍ୱାରା ମାରାତ୍ମକ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । ଏହି ସବୁକୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଦେଶ କଂଗ୍ରେସ ନିଶାମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଚଳିତ ମାସ ୧୪ ତରିଖରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମ ସ୍ଥାନ ପବିତ୍ର ସୁଆଣ୍ଡୋ ଠାରୁ ନିଶାମୁକ୍ତ ଓଡ଼ିଶା ଜାଗରଣ ଅଭିଯାନ ଦ୍ୱାରା ସାର ଓଡ଼ିଶାର ଜନସାଧାରଣଙ୍କୁ ସଚେତନତା କରିବା ପାଇଁ ବାହାରି ଶନିବାର ପୂର୍ବାହ୍ନ ସାଢ଼େ ଏଗାରଟା ସମୟରେ ବାଲିଆପାଳରେ ପହଂଚିଥିଲା । ଏହି ରାଜ୍ୟ ସ୍ତରୀୟ ନିଶା ମୁକ୍ତ ଅଭିଯାନରେ ଓଡ଼ିଶା ପ୍ରଦେଶ ଚେୟାରମେନ ମାନସ କୁମାର ମଲ୍ଲିକ, ଓଡ଼ିଶା କଂଗ୍ରେସ ଏସ ସି ସେଲ ସଭାପତି ରାଜକିଶୋର ନାୟକ, ବାଲେଶ୍ୱର ଜିଲ୍ଲା ଏସସି ସେଲ ସଭାପତି ବିଧାନ କୁମାର ଜେନା, ଶିବ ଚରଣ ମଲ୍ଲିକ, ପିସିସି ସମ୍ପାଦକ ରଞ୍ଜନ କୁମାର ସେଠୀ, ଓଡ଼ିଶା ପିସିସି ଉପସଭାପତି ବିକାଶ ଦାସ, ପ୍ରମଥ କୁମାର ମାନିକ ପ୍ରମୁଖ ବାଲିଆପାଳର ବ୍ଲକ ଛକ ନିକଟରେ ପହଂଚିବା ପରେ ବାଲିଆପାଳ ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ମୁରଲୀ ମୋହନ ସାହୁ, ବସ୍ତା ନିର୍ବାଚନ ମଣ୍ଡଳୀୟ କଂଗ୍ରେସ ନେତା ବିଜନ ନାୟକ, ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ବିଶ୍ୱାଳ, ଦେଉଳା ସରପଂଚ ସରୋଜ ପିଳା, ଭବେଶ ଚନ୍ଦ୍ର ପ୍ରଧାନ, ତିର୍ଥ ନାଗ, ଅଶ୍ୱିନୀ ଦାସ ପ୍ରମୁଖ ଭବ୍ୟ ସ୍ୱାଗତ କରିଥିଲେ ।

# ମଣ୍ଡଳ ଦମ୍ପତିଙ୍କ ଇସ୍ତଫା ପରେ ରାଜନୀତିରେ ଚଂଚଳତା

ଧାମନଗର(ନିପ୍ର): ଧାମନଗରର ରାଜନୀତିକ ପରିସ୍ଥିତି ଏବେ ନୂଆ ମୋଡ଼ ନେଇଛି । ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବିଧିବଦ୍ଧ ଭାବେ ଇସ୍ତଫା ଦେଇଥିବାରୁ ଅଂଚଳରେ ଚଂଚଳତା ସୃଷ୍ଟି ହୋଇଛି । ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ଧାମନଗର ବିଧାୟକ ଭାବେ କାର୍ଯ୍ୟରତ ଥିବା ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଭାବ ଅଂଚଳରେ ଉଲ୍ଲେଖନୀୟ ରହିଥିଲା । ଏହି ଇସ୍ତଫା ପରେ ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ମଧ ଚର୍ଚ୍ଚା ବଢ଼ିଛି । ଖବର ମିଳୁଛି ଯେ, ମଣ୍ଡଳଙ୍କ ପ୍ରତି ଆସ୍ଥା ରଖୁଥିବା ଅନେକ କାର୍ଯ୍ୟକର୍ତା ମଧ ସାମୂହିକ ଭାବେ ଦଳ ଛାଡ଼ିଛନ୍ତି । ଉଭୟ ମଣ୍ଡଳ କହିଛନ୍ତି ଯେ, ମିଡ଼ିଆ ମାଧ୍ୟମରେ ନିଜର ନିଲମ୍ବନ ସମ୍ପର୍କରେ ଜାଣିଥିଲେ । ପରେ ସମର୍ଥକମାନଙ୍କ ସହ ଆଲୋଚନା କରି ସାମୂହିକ ଭାବେ ଇସ୍ତଫା ନେବାକୁ ନିଷ୍ପତି ହୋଇଥିବା ସେ କହିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, କେତେକ କୁଚକ୍ରୀ ତାଙ୍କ ବିରୋଧରେ ଚକ୍ରାନ୍ତ କରିଥିଲେ । ସେ ଆହୁରି କହିଛନ୍ତି ଯେ, ଆଗାମୀ ଦିନରେ ନୂତନ ରାଜନୈତିକ ଦିଗ ନେଇ ସମର୍ଥକମାନଙ୍କ ସହ ଆଲୋଚନା ଚାଲିଛି ଏବଂ ଶୀଘ୍ର ଅନ୍ୟ ଦଳରେ ଯୋଗଦାନ ସମ୍ଭାବନା ରହିଛି । ମଣ୍ଡଳ ଦମ୍ପତିଙ୍କ ଏହି ପଦକ୍ଷେପ ପରେ ଧାମନଗରର ରାଜନୀତି କେଉଁ ଦିଗକୁ ଗତି କରିବ, ତାହା ପ୍ରତି ସମସ୍ତଙ୍କ ନଜର ରହିଛି ।

# ନିର୍ବାଚନ ପାଇଁ ଅଣ୍ଟା ସଳଖୁଛି ବାରିପଦା ପୌର ପାଳିକା, ନିର୍ମାଣ ବିଭାଗର ହେଳା ଯୋଗୁଁ ପ୍ରମୁଖ ନାଳର କଣ୍ଠରୋଧ

ବାରିପଦା(ନି.ପ୍ର.): ରାଜ୍ୟରେ ୨୦୨୭ ପୌର ନିର୍ବାଚନ ପାଇଁ ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି । ରାଜ୍ୟ ସରକାର ପୌରାଧ୍ୟକ୍ଷ ପଦ ପାଇଁ ପରୋକ୍ଷ ନିର୍ବାଚନ କରାଇବେ ବୋଲି ନିଷ୍ପତି ନେଇଛନ୍ତି । ଏଣୁ ନିର୍ବାଚନରେ ଅର୍ଥବଳର ଭୂମିକା ରହିବ ବୋଲି ସ୍ପଷ୍ଟ ହୋଇ ଯାଇଛି । ରାଜ୍ୟ କଂଗ୍ରେସ ବିଜେଡି ସହ ମେଣ୍ଟ କରିବାକୁ ଲକ୍ଷ୍ୟ ରଖିଥିବା ସୂଚନା ପ୍ରକାଶ ପରେ ଏହା ରାଜନୈତିକ ଆଲୋଚନାର ଖୋରାକ ହୋଇଛି । ବାରିପଦା ପୌର ପାଳିକା ବିଜେଡି ଅଧୀନରେ ଥିଲାବେଳେ ଏହା ପକ୍ଷରୁ ନିର୍ବାଚନ ପ୍ରଚାର କାର୍ଯ୍ୟ ଏକ ପ୍ରକାର ଆରମ୍ଭ ହୋଇ ଯାଇଥିବା କୁହାଯାଇ ପାରେ । ୪ ବର୍ଷ କାଳ ସହରକୁ ଯେଉଁମାନେ ଅତି ନିକଟରୁ ଦେଖିଛନ୍ତି ସେମାନେ ପୌର ପାଳିକାର ମନମାନିକୁ ଅଙ୍ଗେ ନିଭେଇଛନ୍ତି । ଆଜି ସହର ସଫେଇରେ ଯେଉଁ କିଛି ସୁଧାର ଆସିଛି ତା' ପଛରେ ରହିଛି ନିର୍ବାଚନ । ଏଣୁ ଅନ୍ତତଃ ନିର୍ବାଚନ ଶେଷ ଯାଏଁ ସହରରେ ସର୍ବନିମ୍ନ ସ୍ୱଚ୍ଛତା ବଜାୟ ରହିବ ବୋଲି ଆଶା କରିବା । ସହରର ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକରେ ଅଳିଆ ଗଦା ଏକ ନିୟମିତ ଦୃଶ୍ୟ । ଅଳିଆ ସଫା ପାଇଁ କୌଣସି ଧାର୍ଯ୍ୟ ସମୟ ସୀମା ନାହିଁ । ସହରରେ ଏବେ ୱାର୍ଡ଼ ସଂଖ୍ୟା ୨୮ । ନିର୍ବାଚନ ପୂର୍ବରୁ ୱାର୍ଡ଼ ସୀମା ବଦଳିବ ଅଥବା ସଂଖ୍ୟା ବଢ଼ିବ । ପୌରାଧ୍ୟକ୍ଷ ବିଭାଗୀୟ କର୍ମଚାରୀ ଓ ଦଳୀୟ କାଉନସିଲରମାନଙ୍କୁ ଉତ୍ସାହିତ କରିବା ତାଙ୍କର ଏକ ପ୍ରମୁଖ କାର୍ଯ୍ୟ । ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ବିଜୁ ଜନତା ଦଳର ଜଣେ ଅଗ୍ରଣୀ ନେତା । ଦ୍ୱିତୀୟ ପାଳି କ୍ଷମତାରେ ଅଛନ୍ତି । ତାଙ୍କ ଦକ୍ଷତା ପ୍ରଦର୍ଶନ କେତେ ସନ୍ତୋଷଜନକ ରହିଛି ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ତାଙ୍କ ରଙ୍ଗମଂଚ ପ୍ରୀତି ଚର୍ଚ୍ଚାର ପ୍ରସଂଗ । ପୌର ସଂସ୍ଥାର କ୍ଷମତା ସଙ୍କୁଚିତ ହେଉଛି । ରାଜ୍ୟ ନଗରାଂଚଳ ବିଭାଗ ପୌର ସଂସ୍ଥାର କ୍ଷମତା ସାଧାରଣ ପ୍ରଶାସନ ହାତକୁ ଟେକି ଦେଉଛି । କୃଷ୍ଣାନନ୍ଦବାବୁଙ୍କ ମତିଗତିରୁ ସେ ବାରିପଦା ବିକାଶ ଲକ୍ଷ୍ୟ ହାସଲ କରିଥିବା ପରି ମାଲମ ହୁଏ । ଏହି ଆକଳନ କେତେ ଠିକ୍ ତାହା ନିର୍ବାଚନ ଫଳରୁ ଜଣାପଡ଼ିବ । ସଡ଼କ ନିର୍ମାଣ ବିଭାଗର ଏକ ସହାୟକ ସଂସ୍ଥା ହେଉଛି ପୌର ପାଳିକା । ତେବେ ବାରିପଦା ନିର୍ମାଣ ବିଭାଗର ଏକ ବେପରୁଆ କାମର ସଙ୍ଗିନ ଫଳ ଭୋଗୁଛନ୍ତି ବଡ଼ବଜାର ବାସିନ୍ଦା । ବଡ଼ବଜାର ପଶ୍ଚିମ ପଟରେ ଥିବା ଏକ ଲମ୍ବା ନାଳ ବର୍ଷା ଜଳ ନିଷ୍କାସନ କ୍ଷମତା ହରାଇ ବସିଛି । ଲଗାଣ ବର୍ଷା ବେଳେ ବଡ଼ଦାଣ୍ଡ ସଡ଼କ ନଈଟିଏ ପରି ଦେଖାଯିବା ସ୍ଥାନୀୟ ଲୋକଙ୍କୁ ଆମୋଦିତ କରୁଛି । ପୂରାତନ ନାଳର ଆଧୁନିକୀକରଣ ନାଆଁରେ କଣ୍ଠରୋଧ କରାଯାଇଥିବା ଲୋକେ ତାଛଲ୍ୟ କରୁଛନ୍ତି । ସହରକୁ ସଫା ରଖିବା ଲାଗି ଅଳିଆ ଉଠା ଶ୍ରମିକ, ଅଳିଆ ସଂଗ୍ରହ ଛୋଟ ବଡ଼ ଯାନ, ଠେଲା ଗାଡ଼ି, ଅଳିଆ ଆବର୍ଜନା ହଟାଇବା ଲାଗି ଟ୍ରକ୍ ଇତ୍ୟାଦି ପୌର ସଂସ୍ଥାର ସମ୍ବଳ । ଏହି ସଂସ୍ଥାର ଲୋକବଳ, ଯାନ ଓ ଯନ୍ତ୍ର ବଳ ଥାଇ ସୁଦ୍ଧା ଅଶାନୁରୂପ ଫଳ ନମିଳିବା ଲୋକଙ୍କ ଦୁର୍ଭାଗ୍ୟ ବୋଲି ଜନମତ ପ୍ରକାଶ ପାଉଛି । ପୌର ପାଳିକାର ଅସହାୟତା ପଛରେ ଯେଉଁସବୁ କାରଣ ରହିଛି ତାହା ଦୀର୍ଘ ବର୍ଷର ଉଦାସିନତାର ଫଳ । ବେପରୁଆ ନୀତି, ଇଛା ମତେ ଅବହେଳା ଆଦି କପଟତା ଆଖିରେ ଜଳଜଳ ଦେଖାଯାଏ । ପୌରାଧ୍ୟକ୍ଷଙ୍କ ଦକ୍ଷତା ସମୀକ୍ଷା ଘେରକୁ ଆସିବା ସ୍ୱାଭାବିକ । ପୌର ପାଳିକାର ତତ୍ପରତା ଲୋକଙ୍କୁ ଭୂଆଁ ବୁଲାଇବା ପରି । ସହରବାସୀ ଗତ କାଲିକୁ ଭୁଲି ଯିବେ ବୋଲି ଆଶା କରିବା ଠିକ୍ ନୁହେଁ ।

# ଶ୍ରମିକଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନର ମାର୍ଗଦର୍ଶିକା ମାନିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ଝାରସୁଗୁଡ଼ା,(ନି.ପ୍ର.) ଝାରସୁଗୁଡ଼ା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସ୍ୱତନ୍ତ୍ର ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ନିର୍ଦ୍ଦେଶ ଦେଇଛନ୍ତି । ଆଜି କ୍ଷେତ୍ର ପରିଦର୍ଶନ ସମୟରେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ କିଛି ସ୍ଥାନରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖି ଜିଲ୍ଲାପାଳ ସମ୍ପୃକ୍ତ ବିଭାଗ ଓ ଠିକାଦାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଙ୍କୁ ଟେଲିଫୋନ୍ ଯୋଗେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଠିକାଦାର ଓ ନିର୍ମାଣ ସଂସ୍ଥାଙ୍କୁ ତୁରନ୍ତ ଚେତାବନୀ ଜାରି କରିବାକୁ ସେ କହିଛନ୍ତି । ସରକାରୀ ଗାଇଡଲାଇନ୍ ଉଲ୍ଲଂଘନ କରି ଯଦି କୌଣସି ଠିକାଦାର ଶ୍ରମିକଙ୍କୁ ଖରାରେ କାମ କରାନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି । ଝାରସୁଗୁଡ଼ାରେ ବର୍ତ୍ତମାନ ଜାରି ରହିଥିବା ଭୟଙ୍କର ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ସେ ଶ୍ରମିକମାନଙ୍କୁ ସତର୍କ କରାଇବା ସହ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି ମଧ୍ୟାହ୍ନର ପିକ୍ ଆୱାର୍ ସମୟରେ ବାହାରେ କାମ ନକରି ଘର ଭିତରେ କିମ୍ବା ନିରାପଦ ସ୍ଥାନରେ ରହିବାକୁ ସେ ଅନୁରୋଧ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦିନ ପୂର୍ବରୁ ରେଳବାଇ ଓଭରବ୍ରିଜ୍ କାର୍ଯ୍ୟସ୍ଥଳରେ ନିୟମ ଉଲ୍ଲଂଘନ ଅଭିଯୋଗରେ ଶ୍ରମ ବିଭାଗ ଚଢ଼ାଉ କରି ନୋଟିସ୍ ଜାରି କରିଥିଲା । ଜିଲ୍ଲାପାଳଙ୍କ ଏହି ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ସମଗ୍ର ଜିଲ୍ଲାରେ ଶ୍ରମିକ ସୁରକ୍ଷା ନିୟମକୁ ଅଧିକ କଡ଼ାକଡ଼ି କରାଯାଇଛି ।

# ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ସୁରକ୍ଷା ଓ ପରିବେଶ ପରିଚାଳନା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ



ଝାରସୁଗୁଡ଼ା(ନି.ପ୍ର.) : ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ବିମାନବନ୍ଦର ପରିସରରେ ଏରୋଡ୍ରୋମ କମିଟି (ଇଉଗ) ଏବଂ ବିମାନବନ୍ଦର ପରିବେଶ ପରିଚାଳନା କମିଟି (ଇରଗଉ) ର ଏହି ମିଳିତ ବୈଠକ ସମ୍ପନ୍ନ ହୋଇଛି । ଏହି ବୈଠକରେ ବିମାନବନ୍ଦରର ସାମଗ୍ରିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବିଶେଷ କରି ବିମାନ ଉଡ଼ାଣ ଏବଂ ଅବତରଣ ସମୟରେ ବନ୍ୟଜନ୍ତୁଙ୍କ ଯୋଗୁଁ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାରର ଆହ୍ୱାନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ରହିଥିବା ଏହି ବନ୍ୟଜନ୍ତୁ ସମସ୍ୟାର ସମାଧାନ ପାଇଁ ବନ ବିଭାଗ ଓ ବିମାନବନ୍ଦର କର୍ତ୍ତୃପକ୍ଷ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବିମାନବନ୍ଦରର ଚତୁଃପାର୍ଶ୍ୱରେ ପରିବେଶ ପରିଚାଳନା, ପରିମଳ ବ୍ୟବସ୍ଥା ଏବଂ ପକ୍ଷୀଙ୍କ ପ୍ରାଦୁର୍ଭାବ କମାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆଲୋଚନା ହୋଇଛି । ବିମାନବନ୍ଦରକୁ ଅଧିକ ସୁରକ୍ଷିତ ଏବଂ ଯାତ୍ରୀ ଅନୁକୂଳ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବୈଠକରେ ସ୍ଥିର କରାଯାଇଛି । ଏହି ବୈଠକରେ ବିମାନବନ୍ଦର ନିର୍ଦ୍ଦେଶକଙ୍କ ସମେତ ପୋଲିସ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।


# ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

ବାରିପଦା, (ନି.ପ୍ର.)ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାରିପଦାସ୍ଥିତ ସଭା ଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭି ବି ଡି) ଡା. ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାର ଆଲୋଚନା କାଳରେ ଡା. ଦାସ ସମସ୍ତ ଜ୍ୱର ରୋଗୀଙ୍କୁ ସଠିକ ସମୟରେ ରକ୍ତ ପରୀକ୍ଷା କରିବା, ନିତି ମଶାରୀ ଟାଙ୍ଗି ଶୋଇବା ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଘରକୁ ଘର ବୁଲି ଜ୍ୱର ରୋଗୀଙ୍କ ମ୍ୟାଲେରିଆ ରକ୍ତ ପରୀକ୍ଷା, ଏବଂ ମ୍ୟାଲେରିଆ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରିବାକୁ ପଦକ୍ଷେପ ନେବା ସହ ସଠିକ ଭାବରେ କୀଟନାଶକ ସିଂଚନ କରିବା ଦୁର୍ଗମ ଅଂଚଳରେ ମ୍ୟାଲେରିଆ



ନିରାକରଣ (ଦମନ) କାର୍ଯ୍ୟକ୍ରମକୁ ଭଲ ଭାବରେ ରୂପାୟନ କରିବା ଆଦି ବିଷୟ ଉପରେ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଶ୍ୱ ମ୍ୟାଲେରିଆ ଦିବସର ଶପଥ ପାଠ ହୋଇଥିଲା । ଉକ୍ତ ସଭାରେ ଏଏନ୍ଏମ୍ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଭେକ୍ଟୋର ବାହିତ ରୋଗ ପରାମର୍ଶଦାତା ଶ୍ରୀ ତପନ କୁମାର ସାହୁ ଜିଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି, ଗୋପବନ୍ଧୁ ଗିରି (ଏଫ ଏଲ ଏ ), ଏଏନଏମଟିସି ଟ୍ୟୁଟର୍ ଅନିତା ଦାସ ,ଫାଇଲେରିଆ ପରିଦର୍ଶକ ଦୁର୍ଗା ପ୍ରସାଦ ଦାସ ଏବଂ ବଳରାମ ବେହେରା ସକ୍ରିୟ ଭାବରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ନରାକାସ, ସମ୍ବଲପୁର ଦ୍ୱାରା ଆୟୋଜିତ ହେଲା ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ



ସମ୍ବଲପୁର : ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ.ସି.ଏଲ.) ଦ୍ୱାରା 'ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି' (ନରାକାସ), ସମ୍ବଲପୁରର ତତ୍ତ୍ୱାବଧାନରେ କମ୍ପାନୀ ମୁଖ୍ୟାଳୟରେ ଏକ ଦିବସୀୟ 'ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ' (ସଂଗୋଷ୍ଠୀ) ଆୟୋଜିତ ହୋଇଯାଇଛି ।ଏହି ଗରିମାମୟ ସମ୍ମିଳନୀରେ ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ) ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ଏମସିଏଲର ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ପି.କେ. ପଟେଲ, ନିର୍ଦ୍ଦେଶକ (ଅର୍ଥ) ଶ୍ରୀ ଏ.କେ. ବେହୁରାଙ୍କ ସମେତ ପୂର୍ବ କ୍ଷେତ୍ର, କୋଲକାତାର ଉପ-ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ଡାଃ ବିଚିତ୍ରସେନ ଗୁପ୍ତ, ଭାରତ ସରକାରଙ୍କ କୋଇଲା ମନ୍ତ୍ରାଳୟର ସହକାରୀ ନିର୍ଦ୍ଦେଶକ ଶ୍ରୀ ବିଶାଲ, ଭାରତ ସରକାରଙ୍କ ପୂର୍ବତନ ଉପ-ନିର୍ଦ୍ଦେଶକ ଶ୍ରୀ ଅଜୟ ମଲ୍ଲିକ ଏବଂ ଏଚପିସିଏଲର ପୂର୍ବତନ ଉପ-ମହାପ୍ରବନ୍ଧକ ଡକ୍ଟର ରାମ ବିଚାର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଆୟୋଜିତ ବିଷୟ ଭିତ୍ତିକ ଅଧିବେଶନରେ, ଡକ୍ଟର ବିଚିତ୍ର ସେନ ଗୁପ୍ତ 'ରାଜଭାଷା କାର୍ଯ୍ୟାନ୍ୱୟନରେ ନରାକାସର ଭୂମିକା ଓ ଅବଦାନ' ବିଷୟରେ; ଶ୍ରୀ ଅଜୟ ମଲ୍ଲିକ 'ଡିଜିଟାଲ୍ ଯୁଗରେ ହିନ୍ଦୀ: ଇ-ଗଭର୍ଣ୍ଣାନ୍ସ ଏବଂ ପ୍ରଶାସନିକ କୌଶଳରେ ବଦଳୁଥିବା ଭୂମିକା' ବିଷୟରେ ଏବଂ ଡକ୍ଟର ରାମ ବିଚାର ଯାଦବ 'ରାଜଭାଷା ନୀତିର ପ୍ରଭାବୀ କାର୍ଯ୍ୟାନ୍ୱୟନରେ କାର୍ଯ୍ୟାଳୟ ମୁଖ୍ୟ ଏବଂ ରାଜଭାଷା ଅଧିକାରୀଙ୍କ ଭୂମିକା' ତଥା ଶ୍ରୀ ବିଶାଲ 'ରାଜଭାଷା ହିନ୍ଦୀ ନୀତିରୁ ବ୍ୟବହାର ପର୍ଯ୍ୟନ୍ତ' ବିଷୟ ଉପରେ ନିଜର ମତାମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମହୋଦୟ ଏବଂ ଅନ୍ୟ ଅତିଥିମାନେ ନରାକାସର ନିୟମାବଳୀକୁ ଅନ୍ତର୍ଭୁକ୍ତ କରି ସମ୍ବଲପୁର ନରାକାସ ଦ୍ୱାରା ପ୍ରକାଶିତ "ନରାକାସ ସନ୍ଦର୍ଭିକା" ଉନ୍ମୋଚନ କରିଥିଲେ । ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅତିଥି ଓ ଉପସ୍ଥିତ ସମସ୍ତ ବ୍ୟକ୍ତି ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ କୋଲ୍ ଇଣ୍ଡିଆ ଲିମିଟେଡର ଅନୁଷଙ୍ଗୀ କମ୍ପାନୀଗୁଡ଼ିକର ପ୍ରତିନିଧିମାନଙ୍କ ସମେତ ପୂର୍ବ କ୍ଷେତ୍ରର ବିଭିନ୍ନ କାର୍ଯ୍ୟାଳୟ, ନରାକାସ ସମ୍ବଲପୁରର ସଦସ୍ୟ କାର୍ଯ୍ୟାଳୟ ଏବଂ ଏମସିଏଲ ମୁଖ୍ୟାଳୟ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଏଥିସହ ଏମସିଏଲ ରାଜଭାଷା ବିଭାଗର ମହାପ୍ରବନ୍ଧକ ଶ୍ରୀ ସମ୍ବିତ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା ଶିଳ୍ପ ସଂଘ ଆନୁକୂଲ୍ୟରେ ଏକ ବିଶାଳ ରକ୍ତଦାନ ଶିବିର



କଟକ: (ନି.ପ୍ର )ଖରାଦିନେ ବ୍ଲଡ଼ ବ୍ୟାଙ୍କରେ ରକ୍ତର ଅଭାବ ଦେଖାଦେଇ ଥିବାରୁ, ଥାଲାସେମିଆ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏହି ଅଭାବକୁ ଦୂର କରିବା ପାଇଁ ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ଜଗତପୁର ଶିଳ୍ପାଂଚଳ ଆଇ ଏ ସମ୍ମିଳନୀଗୃହରେ ରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆଇ ଏ ର ଅଧ୍ୟକ୍ଷ ଅବନୀ କାନୁନଗୋ, ସଭାପତି ରାଜେଶ କାନୁନଗୋ, ଅନ୍ୟାନ୍ୟ ସଭ୍ୟ ଓ ସଭ୍ୟାମାନଙ୍କ ମଧ୍ୟରୁ ବିନୋଦ ଭୁତ, ଦେବେନ୍ଦ୍ର ଶର୍ମା, ରୁଦ୍ର ନାରାୟଣ ଆଚାର୍ଯ୍ୟ, ସୁଭ୍ରକାନ୍ତ ପଣ୍ଡା, ଅଶୋକ ସାହୁ, ବିପିନ ଦାମୋଦର, ପ୍ରଶାନ୍ତ ମହାଳି, ବିକାଶ ମହାପାତ୍ର, ରାମ ବଲ୍ଲଭ ନାୟକ ପୁଷ୍ପା ସାମଲ, କିଶୋର ମହାନ୍ତି, ରାମ ଦାସ,ମୁସାରତ ଶରିଫ ,ବିଭୁଦତ ସାମନ୍ତରାୟ ପ୍ରମୁଖ ପରିଚାଳନା କରିପ୍ରାୟ ୨୦୦ରୁଅଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ଏବଂ ଅନ୍ୟାନ ସଦସ୍ୟ ସହଯୋଗ କରିଥିଲେ ।

# ଯୁବକଙ୍କୁ ଆକ୍ରମଣ କରି ଛଡ଼ାଇନେଲେ ମୋବାଇଲ

କେନ୍ଦ୍ରାପଡ଼ା,:ବାଇକରେ ଯାଉଥିବା ଜଣେ ଯୁବକଙ୍କୁ ଆକ୍ରମଣ କରି ଦୁଇଟି ମୋବାଇଲ ଛଡାଇ ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟି କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଥାନା ଅଧିନ ମଙ୍ଗରାଜପୁର ଅ□ଳର ବିଭୁତି ଚରଣ ରାଉତ ଘରକୁ ଫେରୁଥିବା ବେଳେ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ଜଜାଙ୍ଗ ନିକଟରୁ ତାଙ୍କୁ ଆକ୍ରମଣ କରି ଦୁଇଟି ମୋବାଇଲ ତାଙ୍କ ଠାରୁ ଛଡାଇ ନେଇଥିବା ସଦର ଥାନାରେ ଅଭିଯୋଗ ହେରାଇଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ବିଭୂତିଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ବିଭୂତି ଘରକୁ ଫେରିଛନ୍ତି । ସଦରଥାନାଧିକାରୀଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଲେ ଘଟଣାର ତଦନ୍ତ ଚାଲିଛି ।

# 'Odia Preneur ୩.୦' ହାକାଥନରେ କମାଲ କଲେ ଛାତ୍ରଛାତ୍ରୀ !

ବାରିପଦା (ନି.ପ୍ର.): ଆଜି ମୟୁରଭଞ୍ଜ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି । ବାରିପଦାସ୍ଥିତ ଶ୍ରୀ ମା' ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଝଞ୍ଜଇଜଝ ପ୍ରୋଗ୍ରାମ ଅଧୀନରେ 'ଜିଲ୍ଲା ସ୍ତରୀୟ Odia Preneur - A Smart Odisha Hackathon ୩.୦' ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଓଓଞ୍ଝ ଭୁବନେଶ୍ୱର ଦ୍ୱାରା ମନୋନୀତ ୨୧ଟି ଅଭିନବ ପ୍ରକଳ୍ପକୁ ନେଇ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଚାରକ ଭାବେ ଓଓଞ୍ଝ ଭୁବନେଶ୍ୱର ତରଫରୁ ଇଞ୍ଜିନିୟର ସୌମ୍ୟରଞ୍ଜନ ମିଶ୍ର, ବାଜାରସାଇଡ୍ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଶ୍ରୀ ପିତାମ୍ବର ସାହୁ ଏବଂ ମୟୁରଭଞ୍ଜ ଚେମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ର ସଭାପତି ରୋଟାରିଆନ୍ ନୀରଜ କୁମାର ପାଣ୍ଡା ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ଉଦ୍ ?ଘାଟନି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଉତର ଓଡ଼ିଶା ଆଂଚଳିକ କାର୍ଯ୍ୟାଳୟ, ମୟୁରଭଞ୍ଜର ଡେପୁଟି ସେକ୍ରେଟାରୀ ଶ୍ରୀ ରାଜେଶ କୁମାର ପ୍ରଧାନ, ମୁଖ୍ୟ ବକ୍ତା ରୂପେ ମହାରାଜା ଶ୍ରୀରାଚନ୍ଦ୍ରଭଞ୍ଜ ବିଶ୍ୱ ବିଦ୍ୟାଳୟ ବାରିପଦାର ଏମ୍ .ସି. ଏ. ବିଭାଗୀୟ ମୁଖ୍ୟ ପ୍ରଫେସର ଏମ୍. ହେମାବିନ୍ଦୁ, ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଗୌତମ କୁମାର ପାତ୍ର ଓ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ମିନାକ୍ଷୀ ମହାନ୍ତି ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀଯୁକ୍ତ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସଂଯଜନା କରିଥିବା ବେଳେ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ନନ୍ଦ ମଂଚ ପରିଚାଳନା କରିଥିଲେ । ଓ.ଏ.ଭି, ଗରୁଡ଼ବସା ଛାତ୍ରୀ ଦିବ୍ୟାଂଶୀ ଦାଶ ଓ ଟିମ୍ ଙ୍କ **AI-Chatbot** ପ୍ରକଳ୍ପ, ଓ.ଏ.ଭି, ସାନଶୋଳ, ଶାମାଖୁ[ାର ତନ୍ମୟ ପୁଥାଳଙ୍କ ଇଙ୍କଷ୍ପକ୍ଟ ଏକ୍ସସୟ ଢ ପ୍ରକଳ୍ପ ଓ ଓ.ଏ.ଭି, ଚାନ୍ଦୁଆ, କୁଳିଅଣାର ଜୟନ୍ତ କୁମାର ମହାନ୍ତଙ୍କ ଋକ୍ଟକ୍ଷୟ ଢ ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥିମାନଙ୍କ ଠାରୁ ମାନ ପତ୍ର ଓ ନଗଦ ପୁରସ୍କାର ରାଶି ୨୦୦୦୦, ୧୫୦୦୦ ଓ ୧୦୦୦୦ ଟଙ୍କା ଗ୍ରହଣ କରିଥିଲେ । ଏହା ବ୍ୟତୀତ ଓ.ଏ.ଭି, ଗରୁଡ଼ବସାର ଜ୍ୟୋତି କୁମାରୀ ସାହୁର ଡବଷ୍ପସ୍ପର ଗବଭବଶର-ଙ୍କରଭସ୍ପ ପ୍ରକଳ୍ପ ଏବଂ ସି.ପି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୋନାଲି ପାତ୍ରର କବସ କ୍ଷସଙ୍କକ୍ଷଙ୍କୟସ ପ୍ରକଳ୍ପ ମଧ୍ୟ ଶ୍ରେଷ୍ଠ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ । ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ମନୋନୀତ ହୋଇଥିବା ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକ ଆଗକୁ ରାଜ୍ୟ ସ୍ତରୀୟ ହାକାଥନରେ ମୟୁରଭଞ୍ଜ ଜିଲ୍ଲାର ପ୍ରତିନିଧିତ୍ୱ କରିବେ ବୋଲି ଘୋଷଣା କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ (ଉରଙ୍ଗ) ଏହି ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀ ଓ ଗାଇଡ୍ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ପ୍ରଦର୍ଶନୀରେ ଶିକ୍ଷକ ମନୋଜ କୁମାର ପାତ୍ର, ମନୋଜ କୁମାର ପରିଡ଼ା, ଅଜିତ୍ କୁମାର ମହାନ୍ତି, ଭିଷ୍ମଦେବ ମହାନ୍ତ, ବସନ୍ତ କୁମାର ଦତ, ଶିକ୍ଷୟତ୍ରୀ ଅତସୀ କୁଣ୍ଡୁ , ମୌସୁମୀ ଦୀକ୍ଷିତ ଓ ଦେବଦର୍ଶୀ ପ୍ରସାଦ କର, କନିଷ୍ଠ ସହାୟକଙ୍କ ସମେତ ଉକ୍ତ ମହାବିଦ୍ୟାଳୟର ସମସ୍ତ ଅଧକ୍ଷ ଓ ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଓଡ଼ିଶାର ନୂଆ ଚିନ୍ତାଧାରା – ମୟୁରଭଞ୍ଜର ପିଲାଏ ଦେଖାଇଲେ ଜଲୱା !

# ଅନାଥ ଶିଶୁଙ୍କ ପାଇଁ ସରକାରଙ୍କ ପାଖରେ ଟଙ୍କା ନାହିଁ, ମିଶନ ବାତ୍ସଲ୍ୟ ଯୋଜନା ହୋଇଛି ବାଟବଣା


ବଲାଙ୍ଗିର, (ହି.ସ.)- ଅନାଥ ଶିଶୁଙ୍କ ପାଇଁ ସରକାରଙ୍କ ପାଖରେ ଟଙ୍କା ନାହିଁ । ମିଶନ ବାତ୍ସଲ୍ୟ ଯୋଜନା ହୋଇଛି ବାଟବଣା ।ପୃଷ୍ଠପୋଷକତା ସହାୟତା ରାଶି କାହା ପାଇଁ । ଯୋଜନାରୁ ବଂଚିତ ହେଉଛନ୍ତି ଅନାଥ ଶିଶୁ, ପାଉନାହାନ୍ତି ସହାୟତା ରାଶି । ଫେଲ୍ ମାରିଛି ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ । ଶିଶୁଙ୍କ ପାଇଁ ମିଶନ ବାତ୍ସଲ୍ୟ ଯୋଜନା ପାଲିଟିଛି ଅଭିଶାପ, ଯୋଜନା ହେଉଛି ବାଟବଣା । ବଲାଙ୍ଗୀର ଜିଲ୍ଲାରେ ଶିଶୁଙ୍କ ପାଇଁ ମିଶନ ବାତ୍ସଲ୍ୟ ଯୋଜନା ପାଲିଟିଛି ଅଭିଶାପ, ବର୍ଷ ବର୍ଷ ଧରି ଆବେଦନ କଲେ ମଧ ସୁଫଳ ମିଳୁନାହିଁ । ମିଶନ ବାତ୍ସଲ୍ୟ ଯୋଜନା ୨୦୨୨ ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମସ୍ତ ରାଜ୍ୟ ଓ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି, କୋଭିଡ ସମୟରେ ପଶାବାହାଲ ଗ୍ରାମର ରାମପ୍ରସାଦ ବଗର୍ତିଙ୍କ ମୃତ୍ୟୁ ୧୦/୧୨/୨୦୨୧ ରେ ହୋଇଥିଲା । ଘରର ମୁରବୀଙ୍କ ଦେହାନ୍ତ ପରେ ୩ଟି ଶିଶୁକୁ ଧରି ବହୁତ କଷ୍ଟରେ ସୁଷମା ବଗର୍ତି ପରିବାରର ବୋଝକୁ ସମ୍ଭାଳୁଛନ୍ତି ଓ ବଡ଼ଝିଅ ଝିଲି ବଗର୍ତି, ଦ୍ୱାଦଶରେ ବିଲାଇସର୍ଡା କଲେଜ ରେ ପାଠ ପଢୁଛି, ଦ୍ୱିତୀୟ ପୁଅ ଶଙ୍କର ବଗର୍ତି ଦଶମ ଶ୍ରେଣୀରେ ପାଠ ପଢୁଛି, ତୃତୀୟ ଝିଅ ମିଳି ବଗର୍ତି ୬ଷ୍ଠ ଶ୍ରେଣୀରେ ପାଠ ପଢୁଛି । ସୁଷମା ବିଧବା ଭତା, ଚାଉଳ ୨୦ କେଜି ପ୍ରତିମାସରେ ପାଉଛନ୍ତି ଓ ସରକାରୀ ସ୍କୁଲରେ ପାଚିକା ଭାବରେ କାମ କରି ୩ ଟି ଶିଶୁକୁ ପାଠ ପଢାଉଛନ୍ତି ।ରାଜ୍ୟ ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଶିଶୁ ମାନଙ୍କ ନିମନ୍ତେ କୌଣସି ସହାୟତା ମିଳିପାରି ନାହିଁ । ୩ଟି ଶିଶୁଙ୍କ ପାଠ ପଢ଼ିବା ପାଇଁ ପ୍ରଶାସନ ତରଫରୁ ଆର୍ଥିକ ସହାୟତା ରାଶି ପ୍ରଦାନ କଲେ ପାଠ ପଢ଼ିବା ପାଇଁ ସୁବିଧା ହେବ ବୋଲି ସୁଷମା କହିଛନ୍ତି । ତେଣୁ ଏହି ୩ଟି ଶିଶୁଙ୍କ ପାଠ ପଢ଼ା ପାଇଁ ସରକାରୀ ସହାୟତା ରାଶି ପ୍ରଦାନ କଲେ ଉପକୃତ ହେବି ବୋଲି କହିଛନ୍ତି । ଅନାଥ ଶିଶୁଙ୍କ ପାଇଁ ଆଶୀର୍ବାଦ ଯୋଜନା ପାଲଟିଛି ଅଭିଶାପ, ମିଶନ ବାତ୍ସଲ୍ୟ ଯୋଜନା ମାରିଛି ଫେଲ୍, କାର୍ଯ୍ୟକାରୀ ହେଉନାହିଁ ଶିଶୁ ସୁରକ୍ଷା ଯୋଜନା, ଜିଲ୍ଲାରେ ଅନାଥ ଶିଶୁଙ୍କ ପାଇଁ ଆଶୀର୍ବାଦ ଯୋଜନା ପାଲଟିଛି ଅଭିଶାପ, ମିଶନ ବାତ୍ସଲ୍ୟ ଯୋଜନା ମାରିଛି ଫେଲ୍, କାର୍ଯ୍ୟକାରୀ ହେଉନାହିଁ ଶିଶୁ ସୁରକ୍ଷା ଯୋଜନା । ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ବଲାଙ୍ଗୀର ସଦର ମହକୁମାର ଆନନ୍ଦ ନଗର ସ୍ଥିତ ମିନତି ମେହେର । ସ୍ୱାମୀ ସୁରେଶ ମେହେର କୋଭିଡ୍ ସମୟରେ ବିଗତ ତା ୨୩/୪/୨୦୨୧ ସମୟରେ ମୃତ୍ୟୁ ମୁଖରେ ପଡ଼ିଥିଲେ । ଘରର ମୁରବୀ ଥିଲେ, ଅଟୋ ଚଳାଇ ଜୀବନ ଜୀବିକା ପ୍ରତିପୋଷଣ କରୁଥିଲେ । ସ୍ୱାମୀଙ୍କ ଦେହାନ୍ତ ପରେ ମିନତି ୨ ଟି ଶିଶୁର ବୋଝ ସମ୍ଭାଳିବା ସହ ଶିଶୁ ମାନଙ୍କର ଖାଦ୍ୟ, ବସ୍ତ୍ର ଓ ଶିକ୍ଷା ପାଇଁ ଆବଶ୍ୟକ ଖର୍ଚ୍ଚ ତୁଲାଇବା କଷ୍ଟକର ବ୍ୟାପାର ହେଉଛି । ବୃଦ୍ଧା ଶ୍ୱଶୁର ୬୦ ବର୍ଷ ବୟସରେ ଅଟୋ ଚଳାଇ ଘରର ଖର୍ଚ୍ଚ ତୁଲାଉଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ ମିଶନ ବାତ୍ସଲ୍ୟ ଯୋଜନା କାର୍ଯ୍ୟକାରୀ ହେଉ ନାହିଁ, କୌଣସି ସୁଫଳ ମିଳୁନାହିଁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ କୁ ବାରମ୍ବାର ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି । କେବଳ କାଗଜ ମାଗି ରଖୁଛନ୍ତି କିନ୍ତୁ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ କରୁନାହାନ୍ତି । ଜିଲ୍ଲା ସଦର ମହକୁମାରେ ଯଦି ଏଭଳି ହେଉଛି, ମିଶନ ବାତ୍ସଲ୍ୟ ଯୋଜନା କାର୍ଯ୍ୟକାରୀ କେମିତି ହେଉଛି ତାହା ସାଧାରଣରେ ଆଲୋଚନା ହେଉଛି । ନିକଟରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ତରଫରୁ କେମ୍ପ କୋର୍ଟ ଓ ଅଭିଯୋଗ ଶୁଣାଣୀ କରାଯାଇଥିଲା କିନ୍ତୁ କୌଣସି ପ୍ରକାର ଲାଭପ୍ରଦ ହେଉନାହିଁ । ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ, ଶିଶୁ ହସିଲେ ଦେଶ ହସିବ ହେଲେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ବଲାଙ୍ଗୀର ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି । ତେଣୁ ଜିଲ୍ଲା ପ୍ରଶାସନ ତରଫରୁ ବିଭାଗୀୟ ଅଧିକାରୀଙ୍କ ତରଫରୁ ଶୀଘ୍ର ଆର୍ଥିକ ସହାୟତା ପ୍ରଦାନ କଲେ ଉପକୃତ ହୁଅନ୍ତୁ ବୋଲି ମିନତି ଜଣାଇଛନ୍ତି । ଆହୁରି ମଧ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀରକୁ ଆସୁଥିବା ଟଙ୍କା ୫ ମାସ ହେଲା ଆସୁନାହିଁ ଫଳରେ ସହାୟତା ପାଉଥିବା ଆର୍ଥିକ ରାଶି ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗରେ ଅର୍ଥ ନ ଥିବା ଏକ ଦୁଃଖ ଓ ପରିତାପର ବିଷୟ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି



ବଲାଙ୍ଗୀର : ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ଥାନୀୟ ସର୍କିଟ ହାଉସ ଠାରେ ଭେଟି ବିଜେଡି ପ୍ରତିନିଧି ଦଳ ବଲାଙ୍ଗୀରର ବିଭିନ୍ନ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଜଣାଇଥିଲେ । ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ନିର୍ଦ୍ଦେଶରେ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ । ପ୍ରତିନିଧି ଦଳରେ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର, ବିଜେଡି ଟାଉନ୍ ସଭାପତି ଶମ୍ଭୁ ନାଗ, ଦେଓଗାଁ ବ୍ଲକ ଚେୟାରମେନ ମଂଟୁ ଖମାରୀ, ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ବଲାଙ୍ଗୀର ଜିଲା ଛାତ୍ର ସଭାପତି ସୁମନ କୁମାର ନନ୍ଦ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତୀ ବାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ବିଜେଡି ନେତା ମନୀଷ ସାଏ, ପ୍ରତ୍ୟୁଷ, ବବୁଲୁ, ଲେଙ୍କା ସାହୁ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ । ଦାବିପତ୍ରରେ ଦେଓଗାଁ ଚିନିକଳର ପୁନରୁଦ୍ଧାର, କେନ୍ଦ୍ରୀୟ ପାଠାଗାର ନିର୍ମାଣ, ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ୧୦୦ ଏକର ଜମି ଦେବାକୁ ଅନୁରୋଧ କରିଥିଲେ ।

# ମେ' ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ




କେନ୍ଦ୍ରାପଡା: ଆରମ୍ଭ ହୋଇଛି କୁମ୍ଭୀର ପ୍ରଜନନ ଋତୁ । ଏହି ସମୟରେ ବଉଳା କୁମ୍ଭୀର ମାନେ ହିଂସ୍ର ହୋଇଥାନ୍ତି । ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମେ ମାସ ୧ ତାରିଖରୁ ଜୁଲାଇ ୩୧ ତାରିଖ ଯାଏଁ ଭିତରକନିକାକୁ ବନ୍ଦ ରଖାଯିବ । ତେବେ ୩ ମାସ ପାଇଁ ଭିତରକନିକା ବନ୍ଦ ରଖାଯିବ ବୋଲି କହିଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର । ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ଆରମ୍ଭ ହେତୁ ନଦୀ ଓ ନାଳମାନଙ୍କରେ କୁମ୍ଭୀରମାନେ ବସା ବାନ୍ଧି ଅଣ୍ଡା ଦେବେ । ସେମାନଙ୍କ ମିଳନ ପର୍ବ ଓ ଅଣ୍ଡା ଦେବା ପ୍ରକ୍ରିୟାରେ ବାଧା ନଉପୁଜିବା ପାଇଁ ପର୍ଯ୍ୟଟକମାନଙ୍କ ପାଇଁ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ । ବିଶେଷକରି ବଉଳ କୁମ୍ଭୀର ଦେଖିବା ଓ ମ୍ୟାଙ୍ଗ୍ରୋଭ ଜଙ୍ଗଲର ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ଏଠାକୁ ଲୋକେ ଭିଡ଼ କରନ୍ତି । କିନ୍ତୁ ଏବେ ପ୍ରକୃତି ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏହି ସ୍ଥଳ କିଛି ଦିନ ପାଇଁ ପର୍ଯ୍ୟଟକଙ୍କ ଲାଗି ବନ୍ଦ ରହିବ । ଏହି ଅବଧି ମଧ୍ୟରେ ଭିତରକନିକାକୁ ବୁଲି ନଯିବାକୁ ରାଜନଗର ବନଖଣ୍ଡ ଅଧିକାରୀ ଅପିଲ କରିଛନ୍ତି ।








# ନୀତି ଆୟୋଗର ନୂତନ ଉପାଧ୍ୟକ୍ଷ ହେଲେ ଅଶୋକ କୁମାର ଲାହିରୀ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ଅଶୋକ କୁମାର ଲାହିରୀଙ୍କୁ ନୀତି ଆୟୋଗର ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି । ତାଙ୍କ ସହିତ ରାଜୀବ ଗୌବା, ପ୍ରଫେସର କେଭି ରାଜୁ, ପ୍ରଫେସର ଗୋବର୍ଦ୍ଧନ ଦାସ, ଡକ୍ଟର ଏମ୍ ଶ୍ରୀନିବାସ ଏବଂ ପ୍ରଫେସର ଅଭୟ କରାଣ୍ଡିକର ମଧ୍ୟ ଏହି କମିଶନର ପୂର୍ଣ୍ଣକାଳୀନ ସଦସ୍ୟ ଅଛନ୍ତି । ଏହି ନିଯୁକ୍ତି ପରେ, ଅଶୋକ ଲାହିରୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀତି ଆୟୋଗର ନୂତନ ଉପାଧ୍ୟକ୍ଷ ଅଶୋକ କୁମାର ଲାହିରୀ ଏବଂ ଗୋବର୍ଦ୍ଧନ ଦାସଙ୍କୁ ଏବଂ ପୂର୍ଣ୍ଣକାଳୀନ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶୁକ୍ରବାର ସରକାର ଲାହିରୀଙ୍କୁ ନୀତି ଆୟୋଗର ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରିଛନ୍ତି । ବୈଜ୍ଞାନିକ ଗୋବର୍ଦ୍ଧନ ଦାସଙ୍କୁ ମଧ୍ୟ କମିଶନର ସଦସ୍ୟ ଭାବରେ ନିଯୁକ୍ତ କରାଯାଇଛି । ପ୍ରଧାନମନ୍ତ୍ରୀ ନିଜେ ନୀତି ଆୟୋଗର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି, ଯାହା ନୀତି ନିର୍ଦ୍ଧାରଣ ପାଇଁ ଏହି ନିଯୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସାକ୍ଷାତ ପରେ, ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଥିଲେ ଲାହିରୀ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ହେଉଛି ୨୦୪୭ ସୁଦ୍ଧା ଭାରତକୁ 'ବିକଶିତ ଭାରତ' କରିବା, ଏବଂ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଠୋସ୍ ଏବଂ ପ୍ରଭାବଶାଳୀ ନୀତି ପ୍ରଣୟନ କରାଯିବା ଆବଶ୍ୟକ । ଲାହିରୀ ତାଙ୍କ ନିଯୁକ୍ତିକୁ ପଶ୍ଚିମବଙ୍ଗର ଦୀର୍ଘକାଳୀନ ଶିକ୍ଷା ନୀତିକୁ ଶ୍ରେୟ ଦେଇ କହିଛନ୍ତି ଯେ ରାଜ୍ୟର ଶିକ୍ଷାଗତ ଐତିହ୍ୟ ତାଙ୍କ ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସେ ଏହାକୁ ପଶ୍ଚିମବଙ୍ଗ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଥିଲେ । ତଥାପି, ସେ ରାଜ୍ୟର ବର୍ତ୍ତମାନର ପରିସ୍ଥିତି ବିଷୟରେ ମଧ୍ୟ ଚିନ୍ତା ପ୍ରକାଶ କରିଥିଲେ । ତାଙ୍କର କହିବା ଅନୁସାରେ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଗୁଜରାଟ ଭଳି ଅପେକ୍ଷାକୃତ ବିକଶିତ ରାଜ୍ୟ ତୁଳନାରେ ପଶ୍ଚିମବଙ୍ଗ ପଛରେ ରହିଛି । ଏହି ସମୟରେ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିଥିଲେ । କହିଥିଲେ ଯେ, ସେ ରାଜ୍ୟରେ ପରିବର୍ତ୍ତନ ଓ ବିକାଶର ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ତାକୁ ପୂରା କରିପାରିଲେନି । ଏବେ ଦେଖିବାର ଅଛି ଆଗାମୀ ସମୟରେ ପଶ୍ଚିମ ବଙ୍ଗଳାରେ କେ?ଣସି ବାସ୍ତବିକ ଭାବରେ ପରିବର୍ତ୍ତନ ହେଉଛି କିମ୍ବା ହେଉନି । ଲାହିରୀ ବର୍ତ୍ତମାନ ପଶ୍ଚିମବଙ୍ଗର ବିଜେପି ବିଧାୟକ ଏବଂ ଦେଶର ସବୁଠାରୁ ବରିଷ୍ଠ ଅର୍ଥନୀତିଜ୍ଞଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ଚାରି ଦଶନ୍ଧିରୁ ଅଧିକ ସମୟ ଧରି କ୍ୟାରିଅର ରହିଛି, ସେ ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଏବଂ ପଂଚଦଶ ଅର୍ଥ କମିଶନର ସଦସ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି । ଅଶୋକ କୁମାର ଲାହିରୀଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଇନଷ୍ଟାଗ୍ରାମରେ ମଧ୍ୟ ପୋଷ୍ଟ କରିଥିଲେ । ଏଥିରେ ସେ ତାଙ୍କୁ ନୀତି ଆୟୋଗର ଉପାଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଁ ଅଭିନନ୍ଦନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଅର୍ଥନୀତି ଏବଂ ସାର୍ବଜନୀନ ନୀତିରେ ତାଙ୍କର ବ୍ୟାପକ ଅଭିଜ୍ଞତା ଭାରତର ସଂସ୍କାର ପଥକୁ ଆହୁରି ମଜବୁତ କରିବ ଏବଂ 'ବିକଶିତ ଭାରତ' ହେବା ଦିଗରେ ଏହାର ପ୍ରଗତିରେ ସାହାଯ୍ୟ କରିବ । ମୁଁ ନିଶ୍ଚିତ ଯେ ତାଙ୍କର ପ୍ରୟାସ ଆମ ଦେଶର ନୀତି ନିର୍ଦ୍ଧାରଣ ପ୍ରକ୍ରିୟାକୁ ଆହୁରି ଗତିଶୀଳ କରିବ । ଏକ ସଫଳ କାର୍ଯ୍ୟକାଳ ପାଇଁ ମୋର ଶୁଭକାମନା ।

# ଝାରସୁଗୁଡ଼ା ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ



ଭୁବନେଶ୍ୱର: ଝାରସୁଗୁଡ଼ା ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ବନ୍ଧରେ ସବିସ୍ତୃତ ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଝାରସୁଗୁଡ଼ା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ମେ' ମାସ ୩୧ ତାରିଖ ସୁଦ୍ଧା ସମାପ୍ତ କରିବା ସହ ଆରମ୍ଭ ହୋଇ ନଥିବା ପ୍ରକଳ୍ପକୁ ମେ' ମାସ ୭ ତାରିଖ ସୁଦ୍ଧା ଆରମ୍ଭ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଝାରସୁଗୁଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ପ୍ରକଳ୍ପ ଗୁଡ଼ିକର ଗୁଣବତାକୁ ସୁନିଶ୍ଚିତ କରିବା ସହ ମାନଦଣ୍ଡକୁ ଯାଂଚ କରିବା ଏବଂ ପ୍ରକଳ୍ପ ଗୁଡ଼ିକୁ ଯେପରି ଧାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ କରାଯାଇପାରିବ, ତାହା ଉପରେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଝାରସୁଗୁଡ଼ା ବ୍ଲକରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ବିକଶିତ ଗାଁ ବିକଶିତ ଓଡ଼ିଶା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, କର୍ପୋରେଟ ସାମାଜିକ ଉତରଦାୟିତ୍ୱ (ଏନଟିପିସି ଓ ଏମସିଏଲ), ବିଧାୟକ ସ୍ଥାନୀୟ କ୍ଷେତ୍ର ବିକାଶ, ସାଂସଦ ସ୍ଥାନୀୟ କ୍ଷେତ୍ର ବିକାଶ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା । ସମୁଦାୟ ୧୭୧ଟି ଉନ୍ନୟନ ମୂଳକ ପ୍ରକଳ୍ପ ମଧ୍ୟରୁ ୮୮ଟି ପ୍ରକଳ୍ପର କାର୍ଯ୍ୟ ସମାପ୍ତ ହେବା ସହ ୧୮ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି ବୋଲି ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ଯେଉଁ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସରିଯାଇଛି ତାହାର ଗୁଣବତା ଯାଂଚ କରିବା ସହ ଯେଉଁଗୁଡ଼ିକର କାର୍ଯ୍ୟ ଜାରି ରହିଛି, ତାହାକୁ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

# ଖରାଛୁଟିରେ ହ୍ୱାଟ୍ସଆପ୍‌ରେ ଚାଲିବ ପାଠପଢ଼ା: ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ବ୍ୟବସ୍ଥା ଲାଗୁ କଲା 'ଓସେପା'



ଭୁବନେଶ୍ୱର : ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ ସରକାରୀ ସ୍କୁଲଗୁଡ଼ିକରେ ଆଗୁଆ ଖରାଛୁଟି ଘୋଷଣା କରାଯାଇଛି । ତେବେ ଦୀର୍ଘ ଛୁଟି ସମୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଯେପରି ବାଧାପ୍ରାପ୍ତ ନହୁଏ ଏବଂ ସେମାନେ ଶିକ୍ଷା ସହ ଯୋଡ଼ି ହୋଇ ରହିବେ, ସେଥିପାଇଁ ରାଜ୍ୟ ସରକାର ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି । 'ଓସେପା'ର ନିର୍ଦ୍ଦେଶ ଅନୁଯାୟୀ, ଚଳିତ ଗ୍ରୀଷ୍ମାବକାଶରେ ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ସ୍କୁଲ୍ ପିଲାଙ୍କୁ ହ୍ୱାଟ୍ସଆପ୍ ମାଧ୍ୟମରେ ଶିକ୍ଷାଦାନ କରାଯିବ । ଓସେପା ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ, ଆସନ୍ତାକାଲି (ଶନିବାର) ସୁଦ୍ଧା ପ୍ରତ୍ୟେକ ସ୍କୁଲରେ ଶ୍ରେଣୀ ଭିତିକ (ଏକ୍ସବୟର-ଙ୍ଗସସ୍ୱର) ଅଭିଭାବକ ହ୍ୱାଟ୍ସଆପ୍ ଗ୍ରୁପ୍ ସୃଷ୍ଟି କରାଯିବ । ଏହି ଗ୍ରୁପ୍ ମାଧ୍ୟମରେ ସ୍କୁଲ୍ କର୍ତ୍ତୃପକ୍ଷ ସିଧାସଳଖ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କ ସହ ଯୋଡ଼ି ହେବେ । ପିଲାମାନେ କେବଳ ବହି ପଢ଼ିବେ ନାହିଁ, ବରଂ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଅଡିଓ-ଭିଜୁଆଲ୍ ବିଷୟବସ୍ତୁ ହ୍ୱାଟ୍ସଆପ୍‌ରେ ପ୍ରଦାନ କରାଯିବ । ଏହା ସହିତ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଣୀ ଏବଂ ବିଷୟଭିତିକ ସ୍ୱତନ୍ତ୍ର ଆସାଇନମେଂଟ ସିଟ୍ ମଧ୍ୟ ସେୟାର କରାଯିବ । ସ୍କୁଲର ପ୍ରଧାନଶିକ୍ଷକମାନେ ନିଶ୍ଚିତ କରିବେ ଯେ ପ୍ରତ୍ୟେକ ଶିକ୍ଷକ ନିଜ ନିଜ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହ ନିୟମିତ ଯୋଗାଯୋଗରେ ରହିବେ । ପିଲାମାନେ ଘରେ ରହି ପାଠ ପଢ଼ିବା ସମୟରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଟେଲିଫୋନ୍ କିମ୍ବା ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ଶିକ୍ଷକମାନେ ତାହା ଦୂର କରିବେ । ପ୍ରତିବର୍ଷ ସ୍କୁଲଗୁଡ଼ିକ ଗ୍ରୀଷ୍ମ ଛୁଟିରେ ପିଲାମାନଙ୍କୁ ଖରାଛୁଟି ପାଠ ପ୍ରଦାନ କରିଥାନ୍ତି ।

# ମେମୁ ଟ୍ରେନ୍ ସେବା ସମୟସୂଚୀରେ ପରିବର୍ତ୍ତନ




ଭୁବନେଶ୍ୱର : ଯାତ୍ରୀମାନଙ୍କ ସୁବିଧା ଏବଂ ରେଳ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବା ପାଇଁ ଦୁଇଟି ମେମୁ ଟ୍ରେନ୍ ସେବାର ସମୟସୂଚୀକୁ ୨୫ ଏପ୍ରିଲ, ୨୦୨୬ ରୁ ସଂଶୋଧିତ କରାଯାଇଛି । ଟ୍ରେନ୍ ନମ୍ବର ୬୮୪୨୧ ଅନୁଗୁଳ-ପୁରୀ ମେମୁ ଏବଂ ଟ୍ରେନ୍ ନମ୍ବର ୬୮୪୩୭ ଭଦ୍ରକ-କଟକ ମିମୁ ପାଇଁ ନୂତନ ସମୟସୂଚୀ ନିମ୍ନରେ ବିସ୍ତୃତ ଭାବରେ ଦିଆଗଲା । ଯାତ୍ରୀମାନଙ୍କୁ ପ୍ରମୁଖ ଷ୍ଟେସନଗୁଡ଼ିକରେ ସଂଶୋଧିତ ଆଗମନ ଏବଂ ପ୍ରସ୍ଥାନ ସମୟ ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରାଯାଉଛି: ଟ୍ରେନ୍ ନମ୍ବର ୬୮୪୨୧: ଅନୁଗୁଳ-ପୁରୀ ମେମୁ । ଏହି ଟ୍ରେନ୍ ଅନୁଗୁଳରୁ ଭୋର ୦୫:୧୦ ଘଟିକାରେ ଛାଡ଼ିବ ଏବଂ ତାଳଚେର ଠାରେ ୦୫:୩୫ ଘଟିକାରେ (ପ୍ରସ୍ଥାନ ୦୫:୪୫) ପହଂଚିବ । ଏହା ମେରାମଣ୍ଡଳୀ ଷ୍ଟେସନ ଠାରେ ସକାଳ ୦୬:୦୯ (ପ୍ରସ୍ଥାନ ୦୬:୧୦) ଏବଂ ଢେଙ୍କାନାଳ ଠାରେ ୦୭:୦୦ (ପ୍ରସ୍ଥାନ ୦୭:୦୫) ଘଟିକାରେ ପହଂଚିବ । ଟ୍ରେନ୍‌ଟି ଭାୟା ନରାଜ ମାର୍ଥାପୁର (ଆଗମନ ୦୭:୫୩ / ପ୍ରସ୍ଥାନ ୦୭:୫୪) ହୋଇ ବାରଙ୍ଗ ଷ୍ଟେସନ ରେ ପହଂଚିବ ୦୮:୦୮ ଏବଂ ପ୍ରସ୍ଥାନ ୦୮:୦୯, ଭୁବନେଶ୍ୱର ନିଉ (ଆଗମନ ୦୮:୧୪ / ପ୍ରସ୍ଥାନ ୦୮:୧୫) ଏବଂ ମଂଚେଶ୍ୱର (ଆଗମନ ୦୮:୨୨ / ପ୍ରସ୍ଥାନ ୦୮:୨୩) ଦେଇ ଗତି କରିବ । ଭୁବନେଶ୍ୱର ଠାରେ ଏହା ୦୮:୫୦ ଘଟିକାରେ ପହଂଚି ୦୮:୫୫ ରେ ପ୍ରସ୍ଥାନ କରିବ । ଏହାପରେ ଖୋର୍ଦ୍ଧା ରୋଡ୍ ଠାରେ ୦୯:୧୫ (ପ୍ରସ୍ଥାନ ୦୯:୨୦), ଡେଲାଙ୍ଗ ଠାରେ ୦୯:୩୭ (ପ୍ରସ୍ଥାନ ୦୯:୩୮) ଏବଂ ସାକ୍ଷୀଗୋପାଳ ଠାରେ ୦୯:୪୧ (ପ୍ରସ୍ଥାନ ୦୯:୪୨) ରେ ପହଂଚି, ଶେଷରେ ପୁରୀ ଠାରେ ସକାଳ ୧୦:୫୦ ଘଟିକାରେ ପହଂଚିବ । ଏହି ଟ୍ରେନ୍ ଭଦ୍ରକରୁ ଅପରାହ୍ନ ୧୫:୦୦ (୩ଟା) ଘଟିକାରେ ଯାତ୍ରା ଆରମ୍ଭ କରିବ ଏବଂ କେନ୍ଦୁଆପଦା ଠାରେ ୧୫:୨୦ (ପ୍ରସ୍ଥାନ ୧୫:୨୧) ରେ ପହଂଚିବ । ଏହା ଯାଜପୁର କେଉଁଝର ରୋଡ୍ ଠାରେ ୧୬:୨୧ (ପ୍ରସ୍ଥାନ ୧୬:୨୨) ଏବଂ ଧାନମଣ୍ଡଳ ଠାରେ ୧୭:୦୨ (ପ୍ରସ୍ଥାନ ୧୭:୦୩) ରେ ପହଂଚିବ । ପରବର୍ତ୍ତୀ ସମୟରେ, ଟ୍ରେନ୍‌ଟି କପିଳାସ ରୋଡ୍ ଠାରେ ସଂଧ୍ୟା ୧୭:୨୬ (ପ୍ରସ୍ଥାନ ୧୭:୨୭) ଏବଂ ନିର୍ଗୁଣ୍ଡି ଠାରେ ୧୭:୩୨ (ପ୍ରସ୍ଥାନ ୧୭:୩୩) ରେ ପହଂଚିବା ପରେ କଟକଠାରେ ସନ୍ଧ୍ୟା ୧୮:୪୦ (୬:୪୦) ଘଟିକାରେ ଯାତ୍ରା ଶେଷ କରିବ । ଯାତ୍ରା ଆରମ୍ଭ କରିବା ପୂର୍ବରୁ ଯାତ୍ରୀମାନେ ଏନଟିଇଏସ କିମ୍ବା ୟୁ.ଟି. ଏସ. ଆପ୍ ମାଧ୍ୟମରେ ଟ୍ରେନ୍ ସମୟ ଯାଂଚ କରିବାକୁ ଅନୁରୋଧ କରାଯାଉଛି । ଏହି ସଂଶୋଧନର ଲକ୍ଷ୍ୟ ହେଉଛି ଟ୍ରେନର ସମୟାନୁବର୍ତ୍ତିତା ବଜାୟ ରଖିବା ଏବଂ ବ୍ୟସ୍ତବହୁଳ ସେକ୍ସନଗୁଡ଼ିକରେ ସୁରୁଖୁରୁରେ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ।

# ବିଏସଏନଏଲ୍ ଓଡ଼ିଶା ସର୍କଲର ଉଲ୍ଲେଖନୀୟ ସଫଳତା




ଭୁବନେଶ୍ୱର : ଆର୍ଥିକ ବର୍ଷ ୨୦୨୫ –୨୬ ରେ ବିଏସଏନଏଲ୍ ଓଡ଼ିଶା ସର୍କଲ ଜାତୀୟ ସ୍ତରରେ ଦୁଇଟି ପ୍ରତିଷ୍ଠିତ ସମ୍ମାନ ଅର୍ଜନ କରିଛି । ସର୍ବୋତମ ପ୍ରଦର୍ଶନକାରୀ ସର୍କଲ ଏବଂ ଏଂଟରପ୍ରାଇଜ ବିଜିନେସ (ଇବି)ରେ ସର୍ବୋତମ କାର୍ଯ୍ୟଦକ୍ଷତା ପାଇଁ ବିଏସଏନଏଲ୍ ପୁରସ୍କୃତ ହୋଇଛି । ଏହି ପୁରସ୍କାରଗୁଡ଼ିକୁ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆ ପ୍ରଦାନ କରିଛନ୍ତି । ଏହି ଉଲ୍ଲେଖନୀୟ ସଫଳତା ବିଏସଏନଏଲ ଓଡ଼ିଶା ସର୍କଲର ମୁଖ୍ୟ ସାଧାରଣ ପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରାଙ୍କ ଚମତ୍କାର ନେତୃତ୍ୱରେ ଏକ ଆହ୍ୱାନମୂଳକ ଟେଲିକମ୍ ପରିବେଶରେ ଓଡ଼ିଶା ସର୍କଲର ନିରନ୍ତର ପ୍ରୟାସ ଏବଂ ଉତ୍ସର୍ଗୀକୃତ ପ୍ରଦର୍ଶନକୁ ପ୍ରତିଫଳିତ କରେ । ବିଏସଏନଏଲ୍ ତାହାର ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରୁଥିବାବେଳେ ରାଜ୍ୟରେ ଡିଜିଟାଲ ସଂଯୋଗ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି । କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡାରୁ ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ସ୍ୱଦେଶୀ ୪ଜି ଷ୍ଟ୍ୟାକ୍ ସେବା ଉଦଘାଟନ କରିଥିଲେ । ଏହା ଦେଶର ଆତ୍ମନିର୍ଭର ଟେଲିକମ୍ ବ୍ୟବସ୍ଥା ପାଇଁ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ଦୁର୍ଗମ ଅଂଚଳରେ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସବୁଠାରୁ ଦୁର୍ଗମ ବନ ଅଂଚଳ ମଧ୍ୟରୁ ଗୋଟିଏ ସିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ପ୍ରମୁଖ ଅଂଚଳରେ ଥିବା ଗୁଡଗୁଡିଆରେ ତିନୋଟି ସାଚୁରେସନ୍ ମୋବାଇଲ୍ ଟାୱାର ଉଦଘାଟନ କରିଥିଲେ । ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହିତ ଏବଂ ଗ୍ରାହକମାନଙ୍କୁ ସୁଲଭ ସେବା ପ୍ରଦାନ କରିବା ପାଇଁ, ବିଏସଏନଏଲ୍ ମଧ୍ୟ ୧ ଟଙ୍କାରେ ସିମ୍ କାର୍ଡ ପ୍ରଦାନ କରୁଛି । ଏହା ଦ୍ୱାରା ଟେଲିକମ୍ ସେବାର ବ୍ୟାପକ ପ୍ରବେଶ ସମ୍ଭବ ହୋଇପାରିବ । ଶ୍ରୀ ବେହେରା ବିଏସଏନଏଲ୍ ଓଡ଼ିଶାର ସମସ୍ତ କର୍ମଚାରୀଙ୍କୁ ସାଚୁରେସନ୍ ସାଇଟ୍‌ଗୁଡ଼ିକରେ ମୋବାଇଲ୍ ସଂଯୋଗ ଏବଂ ସହରାଂଚଳ ଏବଂ ଗ୍ରାମାଂଚଳରେ ଏଫଟିଟିଏଚ୍ ସଂଯୋଗ ସମେତ ଗ୍ରାହକମାନଙ୍କୁ ଘରେ ଘରେ ସେବା ପହଂଚାଇବା ନିଶ୍ଚିତ କରିବାକୁ ଆହ୍ୱାନ କରିଛନ୍ତି । ସେ ସମସ୍ତ କର୍ମଚାରୀଙ୍କୁ ଏହି ଗତି ବଜାୟ ରଖିବାକୁ ଏବଂ ଚଳିତ ଆର୍ଥିକ ବର୍ଷ ୨୦୨୬ – ୨୭ ରେ ଆହୁରି ଭଲ ପ୍ରଦର୍ଶନ ପାଇଁ ପ୍ରୟାସ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି ।

# ୯ ଏପ୍ରିଲରୁ ବିଭିନ୍ନ ରିଫାଇନାରୀ ଦ୍ୱାରା ରାସାୟନିକ ଓ ଫାର୍ମା ଶିଳ୍ପକୁ ୭୦୦୦ ଏମଟିରୁ ଅଧିକ ପ୍ରୋପିଲିନ୍ ବିକ୍ରି


ନୂଆଦିଲ୍ଲୀ : ପଶ୍ଚିମ ଏସିଆର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଭାରତ ସରକାର ସମନ୍ୱିତ ପ୍ରତିକ୍ରିୟା ପଦକ୍ଷେପ ମାଧ୍ୟମରେ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରସ୍ତୁତି ଏବଂ ନିରନ୍ତରତା ସୁନିଶ୍ଚିତ କରିବାରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି । ନିମ୍ନଲିଖିତ ଅପଡେଟ୍ ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଏବଂ ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ସମର୍ଥନ ସମ୍ପର୍କରେ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ସୂଚୀତ କରେ: ହର୍ମୁଜ୍ ପ୍ରଣାଳୀ ସହିତ ଜଡିତ ଜାରି ରହିଥିବା ପରିସ୍ଥିତି ପରିପ୍ରେକ୍ଷୀରେ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଉଛି । ମନ୍ତ୍ରଣାଳୟ ଅନୁଯାୟୀ: ପ୍ରୋଟୋଲ୍, ଡିଜେଲ ଏବଂ ଏଲପିଜିର ଆତଙ୍କିତ କ୍ରୟ ଏଡାଇବାକୁ ନାଗରିକମାନଙ୍କୁ ପରାମର୍ଶ ଦିଆଯାଇଛି କାରଣ ସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରୁଛନ୍ତି । ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକମାନଙ୍କୁ ଯିବାରୁ ଦୂରେଇ ରହିବାକୁ ଅନୁରୋଧ କରାଯାଇଛି । ନାଗରିକମାନଙ୍କୁ ପିଏନଜି ଏବଂ ବୈଦ୍ୟୁତିକ କିମ୍ବା ଇଣ୍ଡକ୍ସନ୍ କୁକଟପ୍ ଭଳି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି । ବର୍ତ୍ତମାନର ପରିସ୍ଥିତିରେ ସମସ୍ତ ନାଗରିକଙ୍କୁ ସେମାନଙ୍କର ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂରକ୍ଷଣ କରିବାକୁ ଅନୁରୋଧ କରାଯାଉଛି । ସରକାରୀ ପ୍ରସ୍ତୁତି ଏବଂ ଯୋଗାଣ ପରିଚାଳନା ପଦକ୍ଷେପ : ବାଣିଜ୍ୟିକ ଏଲପିଜି ପାଇଁ, ହସ୍ପିଟାଲ, ଶିକ୍ଷାନୁଷ୍ଠାନକୁ ପ୍ରାଥମିକତା ଦିଆଯାଇଛି । ଏହା ବ୍ୟତୀତ, ଔଷଧ, ଇସ୍ପାତ, ଅଟୋମୋବାଇଲ, ବିହନ, କୃଷି ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି । ଏହା ସହିତ, ପ୍ରବାସୀ ଶ୍ରମିକଙ୍କୁ ୫ କିଲୋଗ୍ରାମ ଏଫଟିଏଲ ଯୋଗାଣ ମଧ୍ୟ ୨ ଏବଂ ୩ ମାର୍ଚ୍ଚ ୨୦୨୬ ରେ ଦୈନିକ ହାରାହାରି ଯୋଗାଣ ଆଧାରରେ ଦ୍ୱିଗୁଣିତ କରାଯାଇଛି । ସରକାର ପୂର୍ବରୁ ଯୋଗାଣ ଏବଂ ଚାହିଦା ଉଭୟ ଦିଗରେ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ରିଫାଇନାରୀ ଉତ୍ପାଦନ ବୃଦ୍ଧି କରିବା, ସହରାଂଚଳରେ ବୁକିଂ ବ୍ୟବଧାନକୁ ୨୧ ରୁ ୨୫ ଦିନ ଏବଂ ଗ୍ରାମାଂଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ଯୋଗାଣ ପାଇଁ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଅନ୍ତର୍ଭୁକ୍ତ ।

# ଆଇପିଏଲ-୨୦୨୬ : ହାଇଦ୍ରାବାଦ୍‌କୁ ୨୨୯ ରନ୍‌ର ଟାର୍ଗେଟ ଦେଲା ରାଜସ୍ଥାନ



ଜୟପୁର: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୬ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସର ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ବ୍ୟାଟିଂ କରିଛନ୍ତି । ଜୟପୁରସ୍ଥିତ ସୱାଇ ମାନସିଂହ ଷ୍ଟାଡିୟମରେ ସେ ୩୭ଟି ବଲ୍ ଖେଳି ୫ଟି ଚୌକା ଏବଂ ୧୨ଟ ଛକା ବଳରେ ୧୦୩ ରନ୍ ସଂଗ୍ରହ କରିଛନ୍ତି । ଏହି ମ୍ୟାଚ୍‌ରେ ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୨୨୮ ରନ୍ ସଂଗ୍ରହ କରିଛି । ଫଳରେ ସନରାଇଜର୍ସ ହାଇଦ୍ରାବାଦକୁ ଏହି ମ୍ୟାଚ୍ ବିଜୟ ପାଇଁ ୨୨୯ ରନ୍‌ର ଲକ୍ଷ୍ୟ ମିଳିଛି । ଟସ୍ ଜିଣି ହାଇଦ୍ରାବାଦ ବୋଲିଂ ନିଷ୍ପତି ନେଇଥିଲା ଏବଂ ଘରୋଇ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ରାଜସ୍ଥାନ ପାଇଁ ଯଶସ୍ୱୀ ଜୟସ୍ୱାଲ ବ୍ୟାଟିଂ ଆରମ୍ଭ କରିଥିଲେ । ଉଭୟ ପ୍ରଥମ ୱିକେଟ୍ ପାଇଁ ୪୦ ରନ୍‌ର ଭାଗିଦାରୀ କରିଥିଲେ । ଏଥିରେ ଜୟସ୍ୱାଲ ୧୦ ରନ୍ କରିଥିଲେ । ସେ ୮ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ । ହାଇଦ୍ରାବାଦର ଦ୍ୱିତୀୟ ଶିକାର ହୋଇଥିଲେ ରାଜସ୍ଥାନର ବ୍ୟାଟର ଧ୍ରୁବ ଜୁରେଲ । କିନ୍ତୁ ଏହା ପୂର୍ବରୁ ସେ ବୈଭବଙ୍କ ସହିତ ୧୧୨ ରନ୍‌ର ଭାଗିଦାରୀ କରିଥିଲେ । ଏଥିରୁ ସେ ବ୍ୟକ୍ତିଗତ ଭାବେ ୫୨ ରନ୍ କରିଥିଲେ, ଯେଉଁଥିରେ ୮ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା ।

# ଆଇପିଏଲ-୨୦୨୬ : ଦିଲ୍ଲୀ କ୍ୟାପିଟାଲ୍ସକୁ ୬ ୱିକେଟ୍‌ରେ ପରାସ୍ତ କଲା ପଞ୍ଜାବ କିଙ୍ଗ୍ସ



ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୫ତମ ମ୍ୟାଚରେ ରନ୍ ବର୍ଷା ହୋଇଛି । ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଆୟୋଜକ ଦିଲ୍ଲୀ କ୍ୟାପିଟାଲ୍ସକୁ ପଞ୍ଜାବ କିଙ୍ଗ୍ସ ୬ ୱିକେଟ୍‌ରେ ପରାସ୍ତ କରିଛି । ଏଠାରେ ପଞ୍ଜାବ ୧୮.୫ ଓଭରରେ ୪ଟି ୱିକେଟ ହରାଇ ୨୬୫ ରନ୍ କରିଛି । ଏହି ବିଜୟ ସହିତ ପଏଂଟ ଟେବୁଲରେ ପଞ୍ଜାବ ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛି । ଚଳିତ ଆଇପିଏଲ୍ ଟୁର୍ଣ୍ଣାମେଂଟରେ ପଞ୍ଜାବ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳିଛି ଏବଂ ଏଥିରୁ ୬ଟିରେ ବିଜୟ ହାସଲ କରିଛି । କୋଲକାତା ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା । ୨୬୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଞ୍ଜାବ ବ୍ୟାଟିଂ କରିଥିଲା । ଦଳର ପ୍ରାରମ୍ଭିକ ବ୍ୟାଟିଂ କ୍ରିକେଟ୍‌ପ୍ରେମୀଙ୍କୁ ଉତ୍ସାହିତ କରିଥିଲା । ଏକଦା ଦଳ ୩୦୦ରୁ ଉର୍ଦ୍ଧ୍ୱ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ ସଂଗ୍ରହ କରିଥିଲା । ପ୍ରାରମ୍ଭିକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂହ ପ୍ରଥମ ୱିକେଟ୍ ପାଇଁ ୧୨୬ ରନ୍‌ର ଭାଗିଦାରୀ କରିଥିଲେ । ପଞ୍ଜାବକୁ ୬.୫ ଓଭରରେ ପ୍ରଥମ ଝଟକା ଲାଗିଥିଲା । ଆଉଟ୍ ହେବା ପୂର୍ବରୁ ପ୍ରିୟାଂଶ ଏକାକୀ ୪୩ ରନ୍ ସଂଗ୍ରହ କରିଥିଲେ । ସେ ୧୭ଟି ବଲ୍ ଖେଳି ୨ଟି ଚୌକା ଏବଂ ୫ଟି ଛକା ମାରିଥିଲେ । ଦିଲ୍ଲୀର ଦ୍ୱିତୀୟ ଶିକାର ହୋଇଥିଲେ ବିସ୍ଫୋରକ ବ୍ୟାଟର ପ୍ରଭସିମରନ । ସେ ୨୬ଟି

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**